# ବେଳାଭୂମି ମହୋତ୍ସବରେ ଦୁଲୁକିଲା ମଞ୍ଚ







## ● ମତୁଆଲା କଲେ ଶିଲ୍ପା ରାଓ, ପ୍ରଜ୍ଞାଙ୍କ ଗୀତରେ ଦର୍ଶକ ବିଭୋର
## ● ତାଳି ମାରି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଦର୍ଶକ



ବ୍ରହ୍ମପୁର୨୮।୧(ସମିସ)

ଗୋପାଳପୁର ବେଳାଭୂମି ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବିଶିଷ୍ଟ କଣ୍ଠଶିଳ୍ପୀ ଶିଲ୍ପା ରାଓ ତାଙ୍କ କଣ୍ଠର ଯାଦୁରେ ଦର୍ଶକଙ୍କୁ ମତୁଆଲା କରିଥିଲେ। ସେ ବିଭିନ୍ନ ହିନ୍ଦୀ ଓ ତେଲୁଗୁ ଗୀତ ପରିବେଷଣ କରିଥିଲେ। ସେହିଭଳି ଓଡ଼ିଆ ଗାୟିକା ପ୍ରଜ୍ଞା ହୋତାଙ୍କ ଗୀତରେ ଦର୍ଶକ ନାଚି ଉଠିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଖଲିକୋଟ ବିଧାୟିକା ସୂର୍ଯ୍ୟମଣୀ ବୈଦ୍ୟ ଯୋଗ ଦେଇଥିଲେ। ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ବିକ୍ରମ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇ ଏଭଳି ଏକ ବ୍ୟାପକ ଆୟୋଜନ ଲାଗି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ। ଓଡ଼ିଶାର ଅଗ୍ରଣୀ ଜିଲ୍ଲା ଭାବେ ଗଞ୍ଜାମ ପରିଚିତ। ଏହାର କଳା ସଂସ୍କୃତି ପରମ୍ପରା ବିଶ୍ୱବିଦିତ। ମୁଖ୍ୟମନ୍ତ୍ରୀ କଳାକୁ ପ୍ରାଧାନ୍ୟ ଦେଇଛନ୍ତି । ଏଥିସହିତ କ୍ରୀଡା ସଂସ୍କୃତି, ଧାର୍ମିକସ୍ଥଳର ବିକାଶ ହୋଇପାରିଛି । ମହିଳାମାନେ ସମ୍ପ୍ରତି ସ୍ୱାବଲମ୍ବୀ ହେବାର ରାହା ପାଇଛନ୍ତି ବୋଲି ଖଲିକୋଟ ବିଧାୟିକା ଶ୍ରମତୀ ବୈଦ୍ୟ କହିଛନ୍ତି । ଗୋପାଳପୁର ମହୋତ୍ସବକୁ ବିଶ୍ୱସ୍ତରରେ ପହଞ୍ଚାଇବାକୁ ମୁଖ୍ୟମନ୍ତ୍ରୀ ଉଦ୍ୟମ କରୁଛନ୍ତି। ଏହାକୁ ସଫଳ କରିବାରେ ଗଞ୍ଜାମ ଜିଲା ପ୍ରସାସନ ବେଶ ପ୍ରଶଂସନିୟ ବୋଲି ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ କହିଛନ୍ତି । ଏହି ମହୋତ୍ସବକୁ ଆସି ଲୋକେ ସଂସ୍କୃତି ଓ ପରମ୍ପରା ଦେଖିବା ସହ ପଲ୍ଲିଶ୍ରୀ ମେଳାର ମଜା ନେଉଛନ୍ତି। ଶାନ୍ତି ଶୃଙ୍ଖଳାର ସହିତ ଏହାକୁ ଉପଭୋଗ କରିବାକୁ ସେ ମତବ୍ୟକ୍ତ କରିଛନ୍ତି।

## ● ଲୋକକଳା ଓ ଲୋକନୃତ୍ୟରେ ଦୁଲୁକୁଛି ମଞ୍ଚ

ଗୋପାଳପୁର ବେଳାଭୂମି ମହୋତ୍ସବରେ ଲୋକନୃତ୍ୟ ଓ ଲୋକକାଳର ଝଲକ ପ୍ରତିଦିନ ଦେଖିବାକୁ ମିଳୁଛି । କହିବାକୁ ଗଲେ ଲୋକନୃତ୍ୟ ଓ ବିଭିନ୍ନ ନାଚ ଓ ଗୀତରେ ସମଗ୍ର ଗୋପାଳପୁର ଦୁଲୁକୁଛି । ଏ ଅବସରରେ ତୃତୀୟ ସନ୍ଧ୍ୟାରେ ସନ୍ଧ୍ୟାରେ ବ୍ରହ୍ମପୁରର ଆରାଧ୍ୟା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସେହିଭଳି ଗୁରୁ କେଳୁ ଚରଣ କଳା ତୀର୍ଥ କଲକେନ୍ଦ୍ର, ନାଟରାଜ ଡ୍ୟାନ୍ସ ଗ୍ରୁପ, ନୃତ୍ୟନସି ଏକାଡେମୀ, ଲିଷମ ଡ୍ୟାନ୍ସ ଷ୍ଟୁଡ଼ିଓ, ମିନା କଲଚୁରାଲ ଆର୍ଟିଷ୍ଟ, ଓଡିଶୀ ନୃତ୍ୟାୟନ, ଟ୍ୱିଙ୍କେଲ ଫେସନ ଏକାଡେମୀ, ରୋକଷ୍ଟାର ଡ୍ୟାନ୍ସ ଏକାଡେମୀ, ସଂସ୍କୃତି ଭବନମ, ବ୍ରହ୍ମପୁର ସ୍କେଟିଂ ଏକାଡେମୀ, କୋରାପୁଟର ଢେମସା, ପୁରୀର ସାହି ଯାତ୍ରା ମେଢ଼ ନାଚ, ବଲାଙ୍ଗୀରର ଜୟ ମା ଦୁର୍ଗା କଳା ପରିଷଦର ଘୁଡକୀ ନୃତ୍ୟ, କଟକ ଚୌଦାର ସଂଗୀତ କଳା ସଂସଦ ପକ୍ଷରୁ ଘୋଡା ନାଚ ଆଦି ପରିବେଷଣ କରାଯାଇଥିଲା।

## ● ପଲ୍ଲିଶ୍ରୀ ମେଳାରେ ଖଚାଖଚ ଭିଡ଼

ଗୋପାଳପୁର ବେଳାଭୂମିରେ ମୁଖ୍ୟ ଆକର୍ଷଣ ସାଜିଛି ପଲ୍ଲିଶ୍ରୀ ମେଳା। ଏଠାରେ ରାଜ୍ୟ ଓ ଦେଶର କୋଣ ଅନୁକୋଣରୁ ଆସିଥିବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ସାମଗ୍ରୀ ବିକ୍ରି କରୁଛନ୍ତି । ମା ମାନଙ୍କ ହାତ ତିଆରି ସାମଗ୍ରୀ କିଣିବା ଲାଗି ଦର୍ଶକଙ୍କ ଭିଡ଼ ମଧ ବେଶ ଜମୁଛି । ସେହିଭଳି ଚଟାପଟି ଖାଦ୍ୟ ଷ୍ଟଲରେ ମଧ ଲମ୍ବା ଧାଡି ଦେଖିବାକୁ ମିଳିଛି।

## ● ୨ୟ ଦିନର ଗୋପାଳପୁର ବେଳାଭୂମି ମହୋତ୍ସବ

# ସଚିତ-ପରମ୍ପରାଙ୍କ କଣ୍ଠର ଯାଦୁରେ ଝୁମିଲେ ଦର୍ଶକ





ବ୍ରହ୍ମପୁର, ଗୋପାଳପୁର ବେଳାଭୂମି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ବଲିଉଡ଼ ସେନସେସନ ସଚିତ-ପରମ୍ପରାଙ୍କ କଣ୍ଠର ଯାଦୁରେ ଦର୍ଶକ ଝୁମିଛନ୍ତି। ଭଳିକି ଭଳି ହିନ୍ଦି ଗୀତ ସହିତ ରାମ ସୀତା ରାମ' ଗୀତ ସମସ୍ତଙ୍କୁ ମତୁଆଲା କରିଥିଲା। ସେହିଭଳି କଣ୍ଠଶିଳ୍ପୀ ସ୍ୱୟଂପ୍ରକାଶ ଓ ଦିପ୍ତିରେଖାଙ୍କ ଦ୍ୱାରା ପରିବେଷିତ ସଂଗୀତ ଶୀତୁଆ ସନ୍ଧ୍ୟାକୁ ଉତ୍ସବମୁଖର କରିଥିଲା। ସନ୍ଧ୍ୟାରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ବିଭିନ୍ନ ଲୋକନୃତ୍ୟ ଓ ଲୋକକଳା ପ୍ରଦର୍ଶିତ ହୋଇଥିଲା। ଏହି ସମୟରେ ପ୍ରିନ୍ସ ଡ୍ୟାନ୍ସ ଗ୍ରୁପର ଦମଦାର ନୃତ୍ୟ ସମସ୍ତଙ୍କୁ ଦେଶଭକ୍ତିରେ ବାନ୍ଧି ରଖିଥିଲା। ପରେ ଆୟୋଜିତ ସଭାରେ ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ବିକ୍ରମ କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ଅତିଥିଭାବେ ଆସିକା ସାଂସଦ ପ୍ରମିଳା ବିଷୋୟୀ, ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡ଼ାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମେୟର ସଂଘମିତ୍ରା ଦଳେଇ ଯୋଗ ଦେଇଥିଲେ। ଗୌରବମୟ ଗଞ୍ଜାମର ଇତିହାସ ପୃଷ୍ଠାରେ ଗୋପାଳପୁର ନୌବାଣିଜ୍ୟ ପରମ୍ପରା ଚୀର ଉଜ୍ଜୀବିତ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମରେ ଏଠାକାର ବିକାଶ ସହ ଲୋକକଳା ଓ ଲୋକନୃତ୍ୟକୁ ମଧ୍ୟ ସ୍ୱତନ୍ତ୍ର ମଞ୍ଚ ମିଳୁଛି ବୋଲି ଅତିଥି ମାନେ କହିଥିଲେ।

# ଚିନିଶିଳ୍ପ ସମ୍ମୁଖରେ ଆଖୁ ଚାଷୀଙ୍କ ବିକ୍ଷୋଭ

**ଆସିକା, ୨୭ ।୧(ସମିସ):** ଶନିବାର ଦିନ ଆଖୁ ଟନ ପିଛା ୩୫୦୦କୁ ବୃଦ୍ଧି କରିବା ପାଇଁ ଆଖୁ ଚାଷୀ ମାନେ ଆସିକା ସମବାୟ ଚିନି ଶିଳ୍ପ ମୁଖ୍ୟ ଫାଟକ ଆଗରେ କିଛି ସମୟ ପାଇଁ ବିକ୍ଷୋଭ ପଦର୍ଶନ କରିଥିଲେ। ଆଖୁ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଚଳିତ ବର୍ଷ ଆଖୁ ପେଡ଼ା ଋତୁରେ ପୂର୍ବ ବର୍ଷ ଠାରୁ ଆଖୁ ଟନ ପିଛା ଅଧିକ ଦେବା ପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଦାୟିତ୍ୱରେ ଥିବା ଆସିକା ସମବାୟ ଚିନିଶିଳ୍ପର ପରିଚାଳନା ପରିଷଦ ସଭାପତି ରବୀନ୍ଦ୍ର ନାଥ ପଣ୍ଡାଙ୍କୁ ଆଖୁ ଚାଷୀ ମାନେ ଦାବିପତ୍ର ପ୍ରଦାନ କରିଥିଲେ। ଆଖୁ ଦରକୁ ନେଇ ଗତ କିଛି ଦିନ ତଳେ ଆଖୁ ଚାଷୀଙ୍କ ସହ ଆଲୋଚନା କରି ଦର ନିର୍ଦ୍ଧାରିତ ହୋଇଥିବା ଏକ ଲିଖିତ ଆକାରରେ ଚିନିଶିଳ୍ପ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ପୁଣି ଆଖୁ ଚାଷୀ ମାନେ ପୁର୍ବ ନିର୍ଦ୍ଧାରିତକୁ ନମାନି ଆଖୁ ଦର ଟନ ପିଛା ବୃଦ୍ଧି କରିବା ପାଇଁ ଦାବି କରିଥିଲେ। ଚିନିଶିଳ୍ପ ପକ୍ଷରୁ ଚାଷୀଙ୍କୁ କଟିଙ୍ଗ ଆଦେଶ ମିଳିଥିଲେ ମଧ ଆଖୁ ନଦେବାକୁ ଶତାଧିକ ଚାଷୀ ଶିଳ୍ପର ଗେଟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେପଟେ ଆଖୁ ପେଡ଼ିବା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସରିଥିବା ବେଳେ ବ୍ରଏଲର ପ୍ଲାଣ୍ଟରେ ଅଗ୍ନି ସଂଯୋଗ ମଧ ବିଧି ବିଧାନ ଓ ପୂଜାର୍ଚ୍ଚନା ସରିଥିବାବେଳେ କିଛି ଆଖୁ ଚାଷୀ ମାନେ ଆଖୁ ନ ଦେବା ପାଇଁ ସ୍ଥିର କରିଥିଲେ।

# ଗଞ୍ଜାମ ଏସ୍‌ପିଙ୍କୁ ରାଜ୍ୟପାଳ ପଦକ



**ଛତ୍ରପୁର, ୨୭ ।୧(ସମିସ):** ଉଲ୍ଲେଖନୀୟ ସେବା, ସାହସିକତା ଓ ବିଶିଷ୍ଟ ସେବା ପାଇଁ ଗଞ୍ଜାମ ଏସପି ଜଗମୋହନ ମୀନାଙ୍କୁ ମିଳିଲା ସମ୍ମାନ ଜନକ ରାଜ୍ୟପାଳ ପଦକ। ୭୫ତମ ସାଧାରଣତନ୍ତ୍ର ଦିବସ ଅବସରରେ ଗଞ୍ଜାମ ଏସପି ଶ୍ରୀ ମୀନାଙ୍କୁ ୨୦୨୩ ରାଜ୍ୟପାଳ ପଦକ ପ୍ରଦାନ କରାଯାଇଛି। ଏନେଇ ଭୁବନେଶ୍ୱର ଲୋକସେବା ଭବନରେ ରାଜ୍ୟପାଳ ରଘୁବର ଦାସ ତାଙ୍କୁ ଏହି ସମ୍ମାନ ଜନକ ପଦକ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବରିଷ୍ଠ ପୋଲିସ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ସମ୍ମାନ ଜନକ ପଦକ ମିଳିଲା ପରେ ଏସପି ଜଗମୋହନ ମୀନାଙ୍କୁ ଓଡ଼ିଶା ପୁଲିସ ଏବଂ ବିଭିନ୍ନ ମହଲ ରୁ ଶୁଭେଚ୍ଛାର ସୁଅ ଛୁଟିଛି। ବରିଷ୍ଠ ଆଇପିଏସ ଅଧିକାରୀ ଜଗମୋହନ ମୀନା ୨୦୨୩ ଜାନୁଆରୀ ୮ ରେ ଗଞ୍ଜାମ ଏସପି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଦାୟିତ୍ୱ ଗ୍ରହଣ କରିବା ଦିନ ଠାରୁ ଗଞ୍ଜାମ ପୁଲିସ ଜିଲ୍ଲା ପକ୍ଷରୁ ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବା ସହ ବିଭିନ୍ନ କ୍ଷେତ୍ରରେ ପ୍ରଦର୍ଶନ କରି ରାଜ୍ୟ ଓ ଦେଶରେ ସୁନାମ ଆଣିଛନ୍ତି। ଅପରାଧ ରୋକିବା, ଆଇନ ଶୃଙ୍ଖଳା ଆଦି କ୍ଷେତ୍ରରେ ଗଞ୍ଜାମ ଏସପି କାର୍ଯ୍ୟଶୈଳି ଖୁବ ପ୍ରଶଂସନୀୟ।୨୦୨୩ ବର୍ଷରେ ପ୍ରଗତି ଡ୍ୟାସବୋର୍ଡ ମାର୍କିଂରେ ଗଞ୍ଜାମ ପୋଲିସ ଜିଲା ପ୍ରଥମ ସ୍ଥାନ ରହିଥିଲା। କ୍ରାଇମ୍ ଆଣ୍ଡ କ୍ରିମିନାଲ ଟ୍ରାକିଂ ନେଟୱାର୍କ ସିଷ୍ଟମ (ସିସିଟିଏନ୍‌ଏସ୍) ପଦ୍ଧତିରେ ଲୋକଙ୍କୁ ଉତ୍ତମ ସେବା ଯୋଗାଇବାରେ ଗଞ୍ଜାମ ପୁଲିସ ଜିଲା ରାଜ୍ୟରେ ପ୍ରଥମ ହୋଇପାରିଛି। ଲୋକଙ୍କୁ ଉତ୍ତମ ସେବା, ଉତ୍ତମ ବ୍ୟବହାର, ଥାନାକୁ ଆସୁଥିବା ମାମଲା ଗୁଡିକ ତୁରନ୍ତ ଫଇସଲା ଆଦି ଉପରେ ଗୁରୁତ୍ୱ ଦିଆଯାଉଛି। ଆଗାମୀ ଦିନରେ ମଧ ପୁଲିସ ତାର କର୍ତ୍ତବ୍ୟ ଏବଂ ଲୋକଙ୍କୁ ସଠିକ ସେବା ଯୋଗାଇବାରେ ଗଞ୍ଜାମ ପୁଲିସ ଜିଲ୍ଲା ସର୍ବଦା କାର୍ଯ୍ୟ ଜାରି ରଖିବ ବୋଲି ଗଞ୍ଜାମ ଏସପି ଜଗମୋହନ ମିନା କହିଥିଲେ।

# କାର୍-ବାଇକ ଧକ୍କା, ନାବାଳକ ପୁତ୍ର ମୃତ, ବାପା, ମା' ଗୁରୁତର

**ମୋହନା, ୨୭।୧(ସମିସ):** ଗଜପତି ଜିଲ୍ଲା ଅଡବା ଥାନା ପାଣିଗଣ୍ଡା ନିକଟସ୍ଥ ତୋରାଣିପାଣି ଘାଟିରେ ଶନିବାର ସକାଳେ କାର୍ ଏବଂ ବାଇକ ମୁହାଁମୁହିଁ ଧକ୍କା ହେବାରୁ ଜଣେ ନାବାଳକର ମୃତ୍ୟୁ ହେବା ସହ ଦୁଇଜଣ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ସୂଚନା ପ୍ରକାରେ ଗରଡ଼ମା ପଞ୍ଚାୟତ ଗମ୍ଭାରୀଗାଁ ର ଆଶାକର୍ମୀ ସନ୍ତୋଷିନୀ ମାଦଳା, ତାଙ୍କ ସ୍ୱାମୀ ସନ୍ତୋଷ ମାଦଳା ଦୁଇ ପିଲାଙ୍କ ସହ ବାଇକ ଯୋଗେ ଅଡବା ଅଭିମୁଖେ ଆସୁଥିବା ବେଳେ ତୋରାଣିପାଣି ଘାଟିରେ ବ୍ରହ୍ମଣୀଗାଁ ଅଭିମୁଖେ ଯାଉଥିବା ଏକ କାର୍ ସହ ବାଇକର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଆଶାକର୍ମୀ, ତାଙ୍କ ସ୍ୱାମୀ ଓ ଜଣେ ପିଲା ଆହତ ହୋଇଥିଲେ। ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ନାବାଳକ ପୁତ୍ରର ମୃତ୍ୟୁ ହୋଇଥିବା ବେଳେ ବାପା ସନ୍ତୋଷଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଆଶାକର୍ମୀ ସନ୍ତୋଷିନୀ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ରେ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣାରେ ଅନ୍ୟ ଜଣେ ୨ ବର୍ଷ ଶିଶୁର କୌଣସି କ୍ଷତି ହୋଇନି। ପୁଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।






# ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ

**କବିସୂର୍ଯ୍ୟନଗର,୨୭ ।୧(ସମିସ):** ଜନରାଜ୍ୟ ଦିବସରେ କବିସୂର୍ଯ୍ୟନଗର ଏନଏସି ୱାର୍ଡ ନଂ ୩ରେ କବିସୂର୍ଯ୍ୟନଗର ବିଧାୟିକା ଶୁଭାରମ୍ଭ କରିଛନ୍ତି ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ। ଉକ୍ତ କାର୍ଯ୍ୟକ୍ରମ ଜାନୁଆରୀ ୨୩ରୁ ମାର୍ଚ୍ଚ ୫ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି। କବିସୂର୍ଯ୍ୟନଗର ୱାର୍ଡ ନଂ ୩ କାଉନସିଲର ପ୍ରିୟଙ୍କା ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ବହୁ ବିଜେଡି କାଉନସିଲର, ପ୍ରାକ୍ତନ କାଉନସିଲର, କର୍ମୀଙ୍କୁ ମୋ ଶଙ୍ଖ ଥିବା ଗାମୁଛା ପ୍ରଦାନ କରାଯାଇଥିଲା। ବିଧାୟିକା ଗୋପୀନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ୱାର୍ଡର ଘର ଘର ବୁଲିଥିଲେ। ଏଥିରେ ୱାର୍ଡ ନଂ ୩ କାଉନସିଲର ପ୍ରତିନିଧି ସୂର୍ଯ୍ୟନାରାୟଣ ନାୟକ ସମେତ ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠି, ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ, ରସଲ ଦାସ, ପ୍ରଶ୍ନ ନାୟକ, ରାକେଶ ପ୍ରଧାନ, ଦିଲ୍ଲୀପ ସାହୁ, ବିପିନ ଶତପଥୀ, ସତ୍ୟନାରାୟଣ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସରକାରୀ ୱାଟର ପାର୍କ ଉଦ୍‌ଘାଟିତ

**ଭଞ୍ଜନଗର, ୨୭ ।୧(ସମିସ):** ଭଞ୍ଜନଗର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଠାରେ ଶୁକ୍ରବାର ବହୁ ପ୍ରତୀକ୍ଷିତ ୱାଟର ପାର୍କକୁ ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉଦଘାଟନ କରିଛନ୍ତି। ଏହାପରେ ଭଞ୍ଜନଗର ଏନଏସି ତରଫରୁ ଏକ ମିଶନ ଶକ୍ତି କାଫେକୁ ମଧ ମନ୍ତ୍ରୀ ଶ୍ରୀ ଆରୁଖ ଉଦଘାଟନ କରିଥିଲେ। ଏଥିସହ ଭଞ୍ଜନଗର ଜଳ ସମ୍ପଦ ବିଭାଜନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏକ ସାଧାରଣ ସଭାରେ ଯୋଗ ଦେଇ ୱାଟର ପାର୍କର ପରିକଳ୍ପନା, ଅର୍ଥ ବ୍ୟବସ୍ଥା ଓ ନିର୍ମାଣ ସମ୍ପର୍କରେ ଅର୍ଥମନ୍ତ୍ରୀ ସୂଚନା ଦେଇଥିଲେ। ଏହାର ନିର୍ମାଣ ସକାଶେ ୫କୋଟି ଟଙ୍କା ବ୍ୟୟରେ ଏକ ବର୍ଷ ସମୟ ଲାଗିଥିଲା। ଓଡ଼ିଶାରେ ପୁରୀ ଓ ଭୁବନେଶ୍ୱର ପରେ ସାରା ରାଜ୍ୟରେ ପର୍ଯ୍ୟଟକ ମାନଙ୍କ ସୁବିଧା ପାଇଁ ଭଞ୍ଜନଗର ଠାରେ ତୃତୀୟ ୱାଟର ପାର୍କ ଶୁଭାରମ୍ଭ ହୋଇଛି। ହେଲେ ସରକାରୀ ସ୍ତରରେ ଏହା ପ୍ରଥମ ୱାଟର ପାର୍କ ବୋଲି ଜଣାପଡ଼ିଛି। ଏହି ଅବସରରେ ମନ୍ତ୍ରୀ ଏଠାରେ ବିଭିନ୍ନ ଜଳକ୍ରୀଡ଼ା ସହ ପର୍ଯ୍ୟଟକ ମାନେ ଶିଶୁ ଉଦ୍ୟାନ ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେଇ ପାରିବେ। ହେଲେ ଏହା ଆସନ୍ତା ୧ତାରିଖ ଠାରୁ କାର୍ଯ୍ୟକ୍ଷମ ହେବ ବୋଲି ବିଡେକା ତରଫରୁ ଜଣାପଡ଼ିଛି। ଏଥିସହ କାର୍ଯ୍ୟ ସୁପରିଚାଳନା ନିମନ୍ତେ ସହକାରୀ ଯନ୍ତ୍ରୀ ଇଂ. ସନ୍ତୋଷ କୁମାର ଗୌଡ଼ ଓ ଇଂ. ପ୍ରସନ୍ନ କୁମାର ସ୍ୱାଇଁକୁ ମନ୍ତ୍ରୀ ଶ୍ରୀ ଆରୁଖ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧ୍ୟକ୍ଷା ଶୁଭଶ୍ରୀ ଦାସ, ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନଙ୍କ ସମେତ ଜଳ ସମ୍ପଦ ବିଭାଜନ କାର୍ଯ୍ୟାଳୟର ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ବିଜୟ ମିଶ୍ର, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ବିଭୁଦତ୍ତ ପଣ୍ଡା, ଇଂ. ସଞ୍ଜୀବ କୁମାର ଦାସଶର୍ମା, ଅଧୀକ୍ଷଣ ଯନ୍ତ୍ରୀ ଇଂ. ରବୀନ୍ଦ୍ର କୁମାର ସେଠୀଙ୍କ ସମେତ ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଅପହୃତା ବାଳିକା ଉଦ୍ଧାର

**ପାତ୍ରପୁର, ୨୭ ।୧(ସମିସ):** ଜରଡ଼ା ଥାନା ସାମନ୍ତିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ନୂଆଗଡ଼ ଗ୍ରାମର ୫ମ ଶ୍ରେଣୀର ଛାତ୍ରୀ କେ. ନୀରୋଜାଙ୍କୁ ଦୁଇଜଣ ଅପହରଣ କରି ନେଇଥିବା ବେଳେ ବୀରମେଖପୁର ଠାରେ ଛାଡ଼ି ଦେଇଥିଲେ। ଉକ୍ତ ଗ୍ରାମର ସ୍ୱେଚ୍ଛାସେବୀ ଭୁବନେଶ୍ୱର ପ୍ରଧାନ ବାଳିକାକୁ ଉଦ୍ଧାର କରି ନୂଆପଡ଼ା ଫାଣ୍ଡିରେ ଖବର ଦେଇଥିବା ବେଳେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନାନୁସାରେ କେ. ନିରୋଜା ପାତ୍ରପୁର ଲେମ୍ବୁ ଆଣିବାକୁ ଯାଇଥିବାବେଳେ ଦୁଇ ଜଣ ବ୍ୟକ୍ତି ତାଙ୍କୁ ବାଇକରେ ବଳ ପୂର୍ବକ ବସାଇ ଅପହରଣ କରି ନେଇଥିଲେ। ବିରମେଖପୁର ଠାରେ ବାଳିକା ଜଣକ କାନ୍ଦିବାରୁ ଅପହରଣକାରୀ ମାନେ ଛାଡ଼ି ଦେଇ ଚମ୍ପଟ ମାରିଥିବା ବାଳିକା ଜଣକ ପ୍ରକାଶ କରିଛନ୍ତି। ଏଭଳି ଏକ ଅପରୂପ ଘଟଣା ସପଙ୍ଗ ନିକଟରେ ଦୁଇ ମାସ ତଳେ ଘଟିଥିଲା। ଜରଡ଼ା ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ପୋଲିସ୍ ଏହି ଘଟଣାକୁ ଗୁରୁତ୍ୱ ନେବା ସହ ଦୁର୍ବୃତ୍ତ ମାନଙ୍କୁ ଧରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।







## ୩ଦିନିଆ ଜୋନାଲ୍ ପଲିଫେଷ୍ଟ ଜୋନ୍ ଉଦ୍‌ଘାଟିତ



**ବ୍ରହ୍ମପୁର, ୨୭ ।୧(ସମିସ):** ସ୍ଥାନୀୟ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ପକ୍ଷରୁ ଅନୁଷ୍ଠାନର ଖେଳପଡ଼ିଆରେ ଜୋନାଲ ପଲିଫେଷ୍ଟ-୨୦୨୩ ଜୋନ ଶନିବାର ଉଦଘାଟିତ ହୋଇଯାଇଛି । ଏଥିରେ ଅତିଥିଭାବେ ଅନୁଷ୍ଠାନର ଅଧକ୍ଷ ଇଂ. ପ୍ରକାଶ ଚନ୍ଦ୍ର ଜେନା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ୩ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଗଞ୍ଜାମ, ଗଜପତି, କୋରାପୁଟ ସମେତ ୭ଟି ଜିଲ୍ଲାର ସରକାରୀ ଓ ବେସରକାରୀ ବୈଷୟିକ ଶିକ୍ଷାନୁଷ୍ଠାନର ପ୍ରାୟ ୧୨ଶହରୁ ଉର୍ଦ୍ଧ୍ୱ ଅଧକ୍ଷ, ଶିକ୍ଷକ, ଶିକ୍ଷୟତ୍ରୀ ଓ ବିଦ୍ୟାର୍ଥୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ଏଥିରେ ବିଦ୍ୟାର୍ଥୀଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହେବ । ପଲିଫେଷ୍ଟର ମୁଖ୍ୟ ସଂଯୋଜକ ଇଂ ସତ୍ୟଶଙ୍କର ରାଜ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ସମେତ କର୍ମଚାରୀ ଉପସ୍ଥିତ ଥିଲେ ।

# ଅନ୍ତର୍ଜାତୀୟ ବ୍ଲୁ-ଫ୍ଲାଗ୍ ବିଚ୍ ମାନ୍ୟତା ପାଇଲା ସୁନାପୁର ବେଳାଭୂମି

**ବ୍ରହ୍ମପୁର, ୨୭।୧(ସମିସ)**

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଗଞ୍ଜାମ ଜିଲ୍ଲାରେ ସମୁଦ୍ର, ନଦୀ ନାଳ ଆଦି ଭରପୂର ଭାବେ ରହିଛି । ଏହି କାରଣରୁ ଅନେକ ପର୍ଯ୍ୟଟକ ସବୁବେଳେ ଏଠାକୁ ଛୁଟି ଆସନ୍ତି । ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନର ଉଦ୍ୟମରେ ସମ୍ପ୍ରତି ଏଗୁଡ଼ିକର ଯଥେଷ୍ଟ ବିକାଶ ସାଧିତ ହେଉଥିବା ବେଳେ ଜାତୀୟ ଆର୍ନ୍ତଜାତୀୟ ସ୍ତରରେ ବି ଖ୍ୟାତି ଅର୍ଜନ କରୁଛି ଗଞ୍ଜାମର ପର୍ଯ୍ୟଟନ କ୍ଷେତ୍ର । ଏହିକ୍ରମରେ ସମ୍ପ୍ରତି ସୁନାପୁର ବେଳାଭୂମିକୁ ଆର୍ନ୍ତଜାତୀୟ ବ୍ଲୁ-ଫ୍ଲାଗ ବିଚ ମାନ୍ୟତା ମିଳିଥିବା ବନଖଣ୍ଡ ଅଧିକାରୀ ସୋନି ଖୋକରଙ୍କଠାରୁ ସୂଚନା ମିଳିଛି । ପ୍ରକାଶଯୋଗ୍ୟ ଯେ, ଗଞ୍ଜାମ ଜିଲ୍ଲାର ଚିକିଟି ବ୍ଲକ ଅନ୍ତର୍ଗତ ସୁନାପୁର ବେଳାଭୂମିକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଥିଲା । ବେଳାଭୂମୀକୁ ବ୍ଲୁ-ଫ୍ଲାଗ ବିଚ ଅଧିନରେ ସୌନ୍ଦର୍ଯ୍ୟକରଣ କରାଯାଇଥିଲା । ଏହା ପର୍ଯ୍ୟଟକଙ୍କ ସଂଖ୍ୟାକୁ ଦ୍ୱିଗୁଣିତ କରିଛି । ବର୍ତ୍ତମାନ ସୁନାପୁର ବେଳାଭୂମିର ବିକାଶ ଇତିହାସରେ ଆଉ ଏକ ଫର୍ଦ୍ଦ ଯୋଡି ହୋଇଛି । ଏହି ବେଳାଭୂମିକୁ ଆନ୍ତର୍ଜାତୀୟ ବ୍ଲୁ-ଫ୍ଲାଗ ବିଚ ମାନ୍ୟତା ମିଳିଛି । ରାଜ୍ୟର ଦୁଇ ଗୋଟି ବେଳାଭୂମି ପୁରୀ ଓ ସୁନାପୁରକୁ ଏହି ମାନ୍ୟତା ମିଳିଛି । ଏନେଇ ଫାଉଣ୍ଡେସନ ଅଫ ଏନଭାଇରୋମେଣ୍ଟାଲ ଏଜୁକେସନ ପକ୍ଷରୁ ସୂଚନା ପ୍ରକାଶିତ ହୋଇଥିବା ଜଣାଯାଇଛି । ଏହି ଅନୁଷ୍ଠାନ ୭୭ଗୋଟି ଦେଶର ୬୫ଟି ସଂଗଠନକୁ ନେଇ କାର୍ଯ୍ୟ କରୁଥିବା ବେଳେ ଅନୁଷ୍ଠାନ ପକ୍ଷରୁ ବେଳାଭୂମିର ବିଭିନ୍ନ ଅନୁକୂଳ ପରିବେଶକୁ ନେଇ ଏକ ସର୍ଭେ ହୋଇଥିଲା । ମୁଖ୍ୟତଃ ବେଳାଭୂମିର ସୌନ୍ଦର୍ଯ୍ୟକରଣ ସମେତ, ସେଠାକାର ପରିବେଶ, ସାମୁଦ୍ରିକ ଜୀବଙ୍କ ପାଇଁ ଅନୁକୂଳ ପାଣିପାଗ, ପର୍ଯ୍ୟଟକଙ୍କ ରହିବା ଏବଂ ବୋଟିଂ ପାଇଁ ସୁବ୍ୟବସ୍ଥା ପରି ୩୩ଗୋଟି ମାନଦଣ୍ଡକୁ ନେଇ ବିଚାର କରାଯିବା ପରେ ଅନୁଷ୍ଠାନ ପକ୍ଷରୁ ଏହା ନିର୍ଦ୍ଧାରିତ ହୋଇଥାଏ । ଏହି ସମସ୍ତ ଅନୁକୂଳ ପରିବେଶ ରହିଥିବା ବେଳାଭୂମିକୁ ସଂଗଠନ ପକ୍ଷରୁ ଆନ୍ତର୍ଜାତୀୟ ବ୍ଲୁ-ଫ୍ଲାଗ ବିଚର ମାନ୍ୟତା ପ୍ରଦାନ କରାଯାଇଥିବା ବ୍ଲୁ-ଫ୍ଲାଗ ବିଚର ନୋଡାଲ ଅଫିସର ତଥା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖର ସୂଚନା ଦେଇଛନ୍ତି । ଅନପକ୍ଷରେ ଆସନ୍ତାବର୍ଷ ପାଇଁ ମଧ୍ୟ ଏବେଠୁ ପ୍ରୟାସ ଆରମ୍ଭ ହେବା ସହ ପର୍ଯ୍ୟଟକଙ୍କ ସଂଖ୍ୟାକୁ ଦ୍ୱିଗୁଣିତ କରିବା, ବେଳଭୂମିକୁ ସ୍ୱଚ୍ଛ ରଖିବା ଓ ପ୍ଲାଷ୍ଟିକ ମୁକ୍ତ ଅଭିଯାନକୁ ଜୋରଦାର କରାଯିବ ବୋଲି ସେ କହିଛନ୍ତି ।

**ସ୍ଥିତି ବଜାୟ ରଖିବାକୁ ଉଦ୍ୟମ କରାଯିବ-ଡିଏଫଓ**




### ଏମ୍‌କେସିଜିରେ ଆରମ୍ଭ ହେଲା 'ସିଙ୍ଗଲ ୱିଣ୍ଡୋ' ସେବା

## ଗୋଟିଏ ସ୍ଥାନରେ ସଂଗ୍ରହ ହେବ ନମୁନା, ମିଳିବ ଟେଷ୍ଟିଂ ରିପୋର୍ଟ

**ବ୍ରହ୍ମପୁର, ୨୭।୧(ସମିସ):** ଏମକେସିଜି ମେଡ଼ିକାଲରେ ଆରମ୍ଭ ହେଲା ସିଙ୍ଗଲ ୱିଣ୍ଡୋ ସେବା । ଫଳରେ ରୋଗୀ ତଥା ରୋଗୀଙ୍କ ସମ୍ପର୍କୀୟଙ୍କୁ ବିଭିନ୍ନ ରୋଗର ନିଦାନ ବା ଟେଷ୍ଟିଂ ପାଇଁ, ଶିକି ଆଉ ବିଭିନ୍ନ ସ୍ଥାନକୁ ଯିବାକୁ ପଡ଼ିବ ନାହିଁ କି ଗୋଟିଏ ସ୍ଥାନରେ ଦିର୍ଘ ସମୟ ଧରି ଲମ୍ବା ଲାଇନରେ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ପୂର୍ବରୁ ରୋଗୀଙ୍କୁ ବିଭିନ୍ନ ରୋଗର ବିଭିନ୍ନ ପରୀକ୍ଷା ପାଇଁ ଉଭୟ ମେଡିକାଲ କଲେ ଓ ହସ୍ପିଟାଲରେ ବିଭିନ୍ନ ସ୍ଥାନରେ ଦିର୍ଘ ସମୟ ଧରି ପରୀକ୍ଷା ଓ ତାହାର ରିପୋର୍ଟ ପାଇଁ ଅପେକ୍ଷା କରିବାକୁ ପଡୁଥିଲା । ଯାହାକୁ ନେଇ ରୋଗୀଙ୍କ ପକ୍ଷରୁ ବାରମ୍ବାର ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରୁଥିଲେ । ଏହାକୁ ଦୃଷ୍ଟିରେ ରଖି ମେଡ଼ିକାଲ କର୍ତ୍ତୃପକ୍ଷ ଶୁକ୍ରବାର ରିଜିଓନାଲ ଡାଏଗ୍ନୋସିସ ସେଣ୍ଟର(ଆରଡିସି)ରେ 'ସିଙ୍ଗଲ ୱିଣ୍ଡୋ' ସେବା ଆରମ୍ଭ କରିଛନ୍ତି । ଏମକେସିଜି ମେଡ଼ିକାଲ କଲେଜର ଡ଼ିନ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର, ଅଧୀକ୍ଷକ ପ୍ରଫେସର ଡ଼ା. ସୁଚିତ୍ରା ଦାଶ ଓ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ଏହାକୁ ଶୁଭାରମ୍ଭ କରିଛନ୍ତି । ଏଣିକି ରୋଗୀମାନଙ୍କୁ ଗୋଟିଏ ସ୍ଥାନରୁ ଅନ୍ୟଏକ ସ୍ଥାନକୁ ଆଉ ଦୌଡିବାକୁ ପଡ଼ିବନି । ବିଭିନ୍ନ ରୋଗ ପାଇଁ ଉଦ୍ଦିଷ୍ଟ ପ୍ରାୟ ୪୦ରୁ ଅଧିକ ଟେଷ୍ଟିଂ ଓ ଏହାର ରିପୋର୍ଟ ଗୋଟିଏ ଛାତ ତଳେ ରୋଗୀଙ୍କୁ ଉପଲବ୍ଧ ହେବ । ପୂର୍ବଭଳି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଉକ୍ତ ସେବା ଉପଲବ୍ଧ ନହୋଇ ୨୪ଘଣ୍ଟିଆ ସେବା ମିଳିବ । ଦୈନିକ ୩ଟି ସିଫ୍ଟରେ କର୍ମଚାରୀ ନିୟୋଜିତ ରହିବେ । ଏପରିକି ରୋଗୀଙ୍କୁ ନିରନ୍ତର ସେବା ଯୋଗାଇବା ପାଇଁ ମଧ୍ୟାହ୍ନ ଭୋଜନ ବିରତିରୁ ମଧ କର୍ମଚାରୀ ନିବୃତ ରହିବେ । ସମସ୍ତ ସେବା ସମ୍ପୂର୍ଣ୍ଣ ମାଗଣାରେ ଥିବାବେଳେ ପୂର୍ବାହ୍ନ ୯ଟା ଠାରୁ ରାତି ୯ଟା ପର୍ଯ୍ୟନ୍ତ ରୋଗୀ ନିଜର ଟେଷ୍ଟିଂ ରିପୋର୍ଟ ପାଇପାରିବେ । ସେହିଭଳି ସକାଳ ୯ଟା ଠାରୁ ଅପରାହ୍ନ ସାଢେ ୫ଟା ପର୍ଯ୍ୟନ୍ତ ବିଭିନ୍ନ ପରୀକ୍ଷା ପାଇଁ ନମୁନା ସଂଗ୍ରହ କରାଯିବ ବ୍ୟବସ୍ଥା କରାଯାଇଛି । ସେହିପରି ରାତ୍ରି ସମୟରେ ରୋଗୀଙ୍କୁ ବିଭିନ୍ନ ଟେଷ୍ଟିଂର ଡିଜିଟାଲ ବା ଯାନ୍ତ୍ରିକ ରିପୋର୍ଟ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଥିବା ଏମକେସିଜି ମେଡ଼ିକାଲ ରେଜିଷ୍ଟ୍ରାର ସଂଗ୍ରାମଶେଖର ପଣ୍ଡା କହିଛନ୍ତି । ଅନ୍ୟପକ୍ଷରେ ଏଭଳି ବ୍ୟବସ୍ଥାକୁ ନେଇ ରୋଗୀ ଓ ସମ୍ପର୍କୀୟ ବେଶ ଖୁସିଥିବା ବେଳେ ଏହାକୁ ପ୍ରଶଂସା କରିଛନ୍ତି ।



## 'ନିଷ୍ଟ'ର ଫ୍ୟାକଲ୍ଟି ଡେଭ୍‌ଲପ୍‌ମେଣ୍ଟ ପ୍ରୋଗ୍ରାମ ଉଦ୍‌ଯାପିତ

**ବ୍ରହ୍ମପୁର, ୨୭।୧(ସମିସ)**




ପାଲୁରହିଲ ସ୍ଥିତ ନିଷ୍ଟ ଅନୁଷ୍ଠାନର ମ୍ୟାନେଜମେଣ୍ଟ ଷ୍ଟଡିଜ ବିଭାଗ ପକ୍ଷରୁ ଏକ ସପ୍ତାହ ଧରି ଚାଲିଥିବା ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମ(ଏଫଡିପି) ଶନିବାର ଉଦଯାପିତ ହୋଇଯାଇଛି । ଉଦଯାପନି ଅବସରରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରଫେସର ସୁଧାକର ପାତ୍ର ଯୋଗଦେଇଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଅଧକ୍ଷ ଡ. ସୁକାନ୍ତ କୁମାର ମହାପାତ୍ର ଭର୍ଚୁଆଲରେ ଯୋଗ ଦେଇଥିଲେ । ସେହିପରି ନିଷ୍ଟର ଅଧକ୍ଷ ଡକ୍ଟର ପି. ରାଜେଶ କୁମାର ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଏଫଡିପିରେ ସାମିଲ ହୋଇଥିବାରୁ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଉପାଧ୍ୟକ୍ଷ ଡ. ବିଷ୍ଣୁକର ନାୟକ ଉପସ୍ଥିତ ଅତିଥିମାନଙ୍କୁ ଉତ୍ସାହିତ କରିବା ସହ ଶିକ୍ଷାବିତମାନଙ୍କୁ ଗବେଷଣାର ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୧ତାରିଖରୁ ଆରମ୍ଭ ହୋଇଥିବାବେଳେ ଏଥିରେ ଦେଶ ତଥା ବିଦେଶରୁ ମୋଟ ୪୫ଜଣ ଅଧାପକ ଅଂଶଗ୍ରହଣ କରିଥିଲେ । ପରିଶେଷରେ ସହସଂଯୋଜକ ଡକ୍ଟର ପ୍ରମଥନାଥ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିନ ଡକ୍ଟର ସାବ୍ୟସାଚୀ ରଥ, ଏମବିଏ ବିଭାଗୀୟ ମୁଖ୍ୟ ଡଃ ରତ୍ନାକର ମିଶ୍ର, ସଂଯୋଜକ ଡକ୍ଟର ଗାୟତ୍ରୀ ପଣ୍ଡା ପ୍ରମୁଖଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସଡ଼କ ସୁରକ୍ଷାର ବାର୍ତ୍ତା ବାଣ୍ଟିଲେ ସମାଜସେବୀ




**ବ୍ରହ୍ମପୁର, ୨୭।୧(ସମିସ):** ସାଧାରଣତନ୍ତ୍ର ଦିବସ ଅବସରରେ ସ୍ଥାନୀୟ ଆଙ୍କୁଲି ଅଞ୍ଚଳରେ ଏକ ନିଆରା ଚିତ୍ର ଆଜି ଦେଖିବାକୁ ମିଳିଥିଲା । ଅଞ୍ଚଳର ଜଣେ ଯୁବ ସମାଜସେବୀ ରାମକୃଷ୍ଣ ନାୟକ ଯେଉଁମାନେ ଗାଡ଼ି ଚଳାଚଳ କରୁଛନ୍ତି ସେମାନଙ୍କୁ ମାଗଣାରେ ହେଲମେଟ ବଣ୍ଟନ କରିଥିଲେ । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲମ୍ବା ଧାଡି ଦେଖିବାକୁ ମିଳିଥିଲା । ହେଲମେଟ ବାଣ୍ଟିବା ସହିତ ଯେଉଁମାନେ ମୋଟର ସାଇକେଲ ଚଳାଇବା ସେମାନେ ନିଶ୍ଚିତ ଭାବେ ହେଲମେଟ ପରିଧାନ କରିବା ନେଇ ପ୍ରତିଜ୍ଞା ମଧ୍ୟ କରିଥିଲେ । ବେଶ ଖୁସୀର ସହିତ ବହୁ ଗରୀବ ଓ ମଧ୍ୟବିତ୍ତ ବାଇକ ଚାଳକ ମାନେ ରାମକୃଷ୍ଣ ଓ ତାଙ୍କ ପରିବାର ସଦସ୍ୟଙ୍କ ଠାରୁ ମାଗଣାରେ ହେଲମେଟ ନେଇଥିଲେ । ରାମକୃଷ୍ଣଙ୍କ ଏହି ହେଲମେଟ ବଣ୍ଟନ ସମୟରେ ଅତିଥି ରୂପେ ଅତିରିକ୍ତ ଏସ୍ପି ରମେଶ ଚନ୍ଦ୍ର ସେଠୀ, ଏ ଆରଟିଓ ଏମ. ଭେଙ୍କଟ, ବୋଟନୀ ପ୍ରଫେସର. ସତୀଶ ନାୟକ, ଆଇନଜୀବୀ କୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ଲୋକଙ୍କୁ ହେଲମେଟ ପ୍ରଦାନ କରିବା ସହ ସଡକ ସୁରକ୍ଷା ବାର୍ତ୍ତା ପ୍ରଦାନ କରୁଥିଲେ । ସେଠାରେ ସେ ପ୍ରାୟ ଦୁଇ ଶହରୁ ଉର୍ଦ୍ଧ ହେଲମେଟ ବଣ୍ଟନ କରିଥିବା ବେଳେ ପୂର୍ବରୁ ସେ ଗତ ସ୍ୱାଧିନତା ଦିବସ ଦିନ ଅନୁରୁପ ଭାବେ ଚାଷିମାନଙ୍କୁ ଛତା ବଣ୍ଟନ କରିଥିଲେ । ତେବେ ସମାଜସେବୀଙ୍କ ଏହି ନିଆରା ପଦକ୍ଷେପକୁ ସ୍ଥାନୀୟ ବାସିନ୍ଦାମାନେ ସ୍ୱାଗତ କରିବା ସହ ସମାଜସେବୀଙ୍କୁ ସାଧୁବାଦ ଜଣାଇଥିଲେ ।

## ରେଳଧାରଣାରୁ ୨ ଯୁବକଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର, ୨୭ ।୧(ସମିସ):** ସ୍ଥାନୀୟ ଜିଆରପି ରେଳଧାରଣାରୁ ୨୪ଘଣ୍ଟା ମଧ୍ୟରେ ଦୁଇଜଣ ଯୁବକଙ୍କ ମୃତଦେହକୁ ଜବତ କରିଛି । ଉଭୟ ମୃତକଙ୍କ ପରିଚୟ ସ୍ୱଷ୍ଟ ହୋଇଛି । ଶୁକ୍ରବାର ରାତ୍ର ୮'ଟା ସମୟରେ ଜଣେ ଯୁବକ ବ୍ରହ୍ମପୁର ରେଳଷ୍ଟେସନର ୩ନମ୍ବର ପ୍ଲାଟଫର୍ମରେ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ ଗୁଡ୍ସଟ୍ରେନ ଆଗକୁ ଯାଇ ଆଇହତ୍ୟା କରିଥିବା ଜଣାପଡ଼ିଛି । ମୃତ ଯୁବକ ଜଣକଙ୍କ ପକେଟରୁ ମିଳିଥିବା ଏକ ମନିପର୍ସରୁ ମିଳିଥିବା ଏକ ମୋବାଇଲ ନମ୍ବରରୁ ତାଙ୍କ ପରିଚୟ ସ୍ୱଷ୍ଟ ହୋଇଛି । ମୃତକ ଜଣକ ଆସିକା ଥାନା ଅନ୍ତର୍ଗତ କେନ୍ଦୁପଦର ଗ୍ରାମର ଟୁକୁନା ବିଶ୍ୱାଳଙ୍କ ପୁଅ ତସୁ ବିଶ୍ୱାଳ (୧୯) । ସେ ଜଣେ ବିଟେକ ଛାତ୍ର ବୋଲି ଜଣାପଡ଼ିଛି । ଖବରପାଇ ତାଙ୍କ କକା ସନ୍ତୋଷ କୁମାର ବିଶ୍ୱାଳ ଏମକେସିଜି ମେଡିକାଲରେ ପହଞ୍ଚି ପୋଲିସ ଉପସ୍ଥିତିରେ ମୃତଦେହ ଚିହ୍ନଟ କରିଛନ୍ତି । ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ସେହିଭଳି ଶୁକ୍ରବାର ପୂର୍ବାହ୍ନରେ ଜଗନ୍ନାଥପୁର ରେଳଷ୍ଟେସନରୁ ଅନ୍ୟଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକଙ୍କ ପକେଟରୁ ମିଳିଥିବା ମନିପର୍ସରୁ ତାଙ୍କ ଘର ଲୋକଙ୍କ ସହ ପୋଲିସ ଯୋଗାଯୋଗ କରିଥିଲା । ମୃତଦେହ ବ୍ୟବଚ୍ଛେଦ ପରେ ଶବକୁ ସଂରକ୍ଷିତ ରଖାଯାଇଥିଲା । ମୃତକ ଜଣକ ଝାରଖଣ୍ଡ ରାମଗଡ଼ର ରାମେଶ୍ୱର କିସକୁଙ୍କ ପୁଅ ଶ୍ରୀଲାଲ କିସକୁ(୩୮) । ସେ ଜଗନ୍ନାଥପୁର ରେଳଷ୍ଟେସନରେ ଟ୍ରେନ ଅଟକିବା ପରେ ପ୍ଲାଟଫର୍ମକୁ ଓହ୍ଲାଇଥିଲେ । ଗାଡି ଛାଡୁଥିବା ଦେଖି ସେ ଟ୍ରେନରେ ଚଢିବା ବେଳେ ଅସାବଧାନତା ଯୋଗୁଁ ତାଙ୍କ ଗୋଡ ଖସିଯାଇଥିଲା । ଏବଂ ଟ୍ରେନ ଚକା ତଳେ ପଡ଼ି ତାଙ୍କର ମୃତ୍ୟୁ ଘଟିଥିବା ପୋଲିସ କହିଛି । ଜିଆରପି ପୁଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

## ଦେଶୀ ମଦଭାଟିରେ ଚଢ଼ଉ, ଯୁବତୀଙ୍କ ସମେତ ୪ ଗିରଫ



ବ୍ରହ୍ମପୁର, ୨୭।୧(ସମିସ): ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ବେଆଇନ ଭାବେ ଚାଲିଥିବା ଦେଶୀ ମଦଭାଟିରେ ଚଢାଉ କରାଯାଇଛି । ଘଟଣାରେ ଜଣେ ଯୁବତୀଙ୍କ ସମେତ ୪ଜଣଙ୍କୁ ଗିରଫ କରାଯାଇ ଶନିବାର କୋର୍ଟଚାଲାଣ କରାଯାଇଛି । ଅଭିଯୁକ୍ତମାନେ ହେଲେ ଦିଗପହଣ୍ଡି ଅଞ୍ଚଳର କୃଷ୍ଣ ମଲ୍ଲିକ, କୈଳାଶ ମଲ୍ଲିକ, କୁରେଶ ମଲ୍ଲିକ ଓ ପ୍ରମିଳା ମଲ୍ଲିକ । ସୂଚନା ପ୍ରକାରେ, ଦିଗପହଣ୍ଡି ଥାନା ଅନ୍ତର୍ଗତ ବୁରୁଗାଁ ଏବଂ ରାମଗଡ଼ ନିକଟରେ ବେଆଇନ ଭାବେ ଦେଶୀ ମଦଭାଟି ଚାଲିଥିବା ଅବକାରୀ ବିଭାଗକୁ ସୂଚନା ମିଳିଥିଲା । ଅବକାରୀ ବିଭାଗ ଏଏସଆଇ ସୁରେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିଭାଗର କର୍ମଚାରୀ ବ୍ରଜବିହାରୀ ନାୟକ, କେଦାର ନାୟକ, ପ୍ରବୀର ସାମଲ, ପରେଶ ବେହେରା, ଦମୟନ୍ତୀ ସିଂ ପ୍ରମୁଖ ଘଟଣା ସ୍ଥଳରେ ଚଢଉ କରିଥିଲେ । ଚଢଉ ପରେ ସେଠାରେ ରଖାଯାଇଥିବା ୬ହଜାର ଲିଟର ପୋଚ ନଷ୍ଟ କରାଯାଇଥିଲା । ସେହିପରି ଘଟଣାସ୍ଥଳରୁ ୧୪୦ଲିଟର ଦେଶୀ ରନ୍ଧାମଦକୁ ଜବତ କରି ନଷ୍ଟ କରାଯାଇଥିଲା ।

## ତାଲାବନ୍ଦ ଘରୁ ଅଲଙ୍କାର ଓ ନଗଦ ଟଙ୍କା ଚୋରି

**ବ୍ରହ୍ମପୁର, ୨୭।୧(ସମିସ):** ଦିର୍ଘଦିନର ବ୍ୟବଧାନରେ ପୁଣି ସହରର ସକ୍ରିୟ ଚୋରଗ୍ୟାଙ୍ଗ । ସହରରେ ଦିନକୁ ଦିନ ସମସ୍ତ ଥାନା ଇଲାକାରେ ବଢ଼ିବାରେ ଲାଗିଛି ଚୋରି ମାମଲା । ବାଇକ ଚୋରି ସଂଖ୍ୟା ସର୍ବାଧିକ ଥିବାବେଳେ ତାଲାବନ୍ଦ ଘର ଓ ଦୋକାନରୁ ମଧ୍ୟ ଚୋରି ହେଉଥିବା ନଜିର ରହିଛି । ନିମଖଣ୍ଡି ଥାନା ଅନ୍ତର୍ଗତ ଅନୁସୟା ବିହାର ୫ମ ଲାଇନର ଏକ ତାଲାବନ୍ଦ ଘରୁ ସ୍ୱର୍ଣ୍ଣ ଓ ରୂପା ଅଲଙ୍କାର ସହ ନଗଦ ୧୨ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଛି । ସାଇଣ୍ଟିଫିକ୍ ଟିମ ଏବଂ ସନ୍ଧାନୀ କୁକୁର ସହାୟତାରେ ନିମଖଣ୍ଡି ଥାନା ଅଧିକାରୀ ରେବତୀ ଶବର ଓ ତାଙ୍କ ଟିମ ଘଟଣାର ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜର ତନାଘନା କରିଛନ୍ତି । ସୂଚନାଯୋଗ୍ୟ ଯେ, ସ୍ଥାନୀୟ ଅନୁସୟାବିହାର ୫ମ ଲାଇନ ନିବାସୀ ବ୍ରଜେନ୍ଦ୍ର ସାହୁଙ୍କ ଘରୁ ଚୋରି ହୋଇଛି । ସେ ତାଙ୍କ ଝିଅର ସ୍ୱାସ୍ଥ୍ୟାବସ୍ଥା ଖରାପ ହେତୁ ମେଡ଼ିକାଲ ଯାଇଥିଲେ । ମେଡ଼ିକାଲରୁ ଘରକୁ ଫେରିବା ପରେ ଘରର ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ । ପରେ ଘର ଭିତରକୁ ଯାଇ ଯାଞ୍ଚବେଳେ ଆଲମାରୀ ଭାଙ୍ଗି ସୁନା ଓ ରୁପାର ବିଭିନ୍ନ ଅଳଙ୍କାର ସମେତ ନଗଦ ୧୨ହଜାର ଟଙ୍କା ଚୋରି ହୋଇଥଇବା ଜାଣିବାକୁ ପାଇଥିଲେ । ଘଟଣାକୁ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି ।

## ଗୋଦାମରୁ ପରିମଳ ସାମଗ୍ରୀ ଚୋରି

**ବ୍ରହ୍ମପୁର, ୨୭।୧(ସମିସ):** ସ୍ଥାନୀୟ ଲକ୍ଷ୍ମୀନଗର ଅଞ୍ଚଳର ଏକ ଗୋଦାମରୁ ପରିମଳ ସାମଗ୍ରୀ ଚୋରି ହୋଇଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରିଛି । ସୂଚନାଯୋଗ୍ୟ ଯେ, ଲକ୍ଷ୍ମୀନଗର ୪ର୍ଥ ଲାଇନ ନିବାସୀ ଲିଟୁ ପାଣିଗ୍ରାହୀଙ୍କ ସ୍ଥାନୀୟ ଲକ୍ଷ୍ମୀନାରାୟଣ ନଗରରେ ଏକ ଗୋଦାମ ରହିଛି । ଏହି ଗୋଦାମରେ ପରିମଳ ସାମଗ୍ରୀ ଗଚ୍ଛିତ ଥିଲା । ଗତ ୨୬ତାରିଖ ସକାଳେ ଉକ୍ତ ଗୋଦାମର କର୍ମଚାରୀ ସୂର୍ଯ୍ୟ ସାହୁ ଏହି ଗୋଦାମର ତାଲା ଭଙ୍ଗାଯାଇଥିବା ଦେଖି ମାଲିକଙ୍କୁ ଖବର ଦେଇଥିଲେ । କେହି ଦୁର୍ବୃତ୍ତ ଗୋଦାମରୁ ପରିମଳ ସାମଗ୍ରୀ ଚୋରି କରି ନେଇଥିବା ନେଇ ଲିଟୁ ପାଣିଗ୍ରାହୀ ଥାନାରେ ଅଭିଯୋଗ କରିଥିଲେ । ବର୍ତ୍ତମାନ ପୁଲିସ ଏହି ଘଟଣାର ତଦନ୍ତ ଜାରି ରଖିଛି ।

### ସୁଦୃଢ଼ ହେବ ସହରର ପରିମଳ ବ୍ୟବସ୍ଥା

# ୫ ଜୋନ୍‌ର ଦାୟିତ୍ୱ ନେଲେ ୩ ସଂସ୍ଥା



**ବ୍ରହ୍ମପୁର, ୨୭ ।୧(ସମିସ)**

ପରିମଳ ବ୍ୟବସ୍ଥାକୁ ସୁଦୃଢ କରାଯିବାକୁ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି । ଏହିକ୍ରମରେ ଜନରାଜ୍ୟ ଦିବସରେ ସଫେଇ ଦାୟିତ୍ୱ ନେଇଥିବା ତିନିସଂସ୍ଥାକୁ ବିଧିବଦ୍ଧ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବ୍ରହ୍ମପୁର ସାଂସଦ ଚନ୍ଦ୍ର ଶେଖର ସାହୁ, ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ଼ ଅଧକ୍ଷ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ ବିବେକ ରେଡ଼ି, କମିଶନର ଜେ ସୋନାଲ ପ୍ରମୁଖ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ । ସହରର ସଫେଇ ଲାଗି ବାର୍ଷିକ ୨୯କୋଟି ୪୨ଲକ୍ଷ ଟଙ୍କା ଖର୍ଚ୍ଚ ନେଇ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସମ୍ପ୍ରତି ସଫେଇ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ ଲକ୍ଷ୍ୟରେ ସହରକୁ ୫ଟି ଜୋନରେ ବିଭକ୍ତ କରାଯାଇଛି । ଏହିକ୍ରମରେ ତିନୋଟି ସଂସ୍ଥାକୁ ସହରର ପରିମଳ ଦାୟିତ୍ୱ ଦିଆଯାଇଛି । ଜୋନ-୧ ଓ ୨ର ଦାୟିତ୍ୱ ପ୍ରତ୍ୟୁଷ ନାମକ ସଂସ୍ଥାକୁ ଦିଆଯାଇଥିବା ବେଳେ ଜୋନ-୩ର ଦାୟିତ୍ୱ ସଫେଇ ଅଭିଯାନକୁ ପ୍ରଦାନ କରାଯାଇଛି । ସେହିଭଳି ଜୋନ-୪ଓ ୫ର ଦାୟିତ୍ୱ ପିଏମଆର କନ୍ସର୍ଟିୟମକୁ ଦିଆଯାଇଛି । ପୂର୍ବରୁ ବ୍ରହ୍ମପୁର ମହାନଗର ନିଗମର ବିଭିନ୍ନ ୱାର୍ଡ଼ ସଫେଇ ଲାଗି ୯୮୬ଜଣ ସଫେଇ କର୍ମଚାରୀ ରହିଥିବା ବେଳେ ସମ୍ପ୍ରତି ତାହା ବୃଦ୍ଧି ଘଟିଛି । ଏବେ ସହର ପରିମଳ ସଫେଇ ଦାୟିତ୍ୱରେ ୧୩୩୬ଜଣ କର୍ମଚାରୀ ନିୟୋଜିତ ରହିଛନ୍ତି । ସେହିଭଳି ଗାର୍ବେଜ ସଂଗ୍ରହ ଲାଗି ପୂର୍ବରୁ ୫୩ଟି ଗାଡ଼ି ଥିବା ବେଳେ ଏବେ ୧୩୨ରେ ଏହା ପହଞ୍ଚିଛି । ବର୍ତ୍ତମାନ ସହରରେ ଥିବା ବଜାର, ଦୋକାନ ଆଦି ଅଞ୍ଚଳରେ ଦିନକୁ ତିନିଥର ସଫେଇ, ପ୍ରତ୍ୟେକ ବାସିନ୍ଦାଙ୍କ ମତାମତ ସଂଗ୍ରହଳ, ବର୍ଷା ଦିନରେ ସଫେଇ ବୃଦ୍ଧି ହେବ, ପରିମଳ ସମସ୍ୟା ନେଇ ଅଭିଯୋଗର ୨୪ଘଣ୍ଟାରେ ସମାଧାନ କରାଯିବ, ଘରଠୁ ଘର ବୁଲି ପରିମଳ ସଂଗ୍ରହ ବ୍ୟବସ୍ଥାରେ ସୁଦୃଢତା, କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସମେତ ଏହି ସମସ୍ତ କାର୍ଯ୍ୟ ଏସଏଚଜି ମହିଳମାନେ ତଦାରଖ କରିବେ ବୋଲି ଏଠାରେ କୁହାଯାଇଛି । କାର୍ଯ୍ୟକ୍ରମରେ ମହାନଗର ନିଗମର ସମସ୍ତ କର୍ପୋରେଟରଙ୍କ ସମେତ ସଫେଇ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ରୋଲାଣ୍ଡ ଫାର୍ମାସୀ କଲେଜ ପକ୍ଷରୁ କର୍ମଶାଳା




**ବ୍ରହ୍ମପୁର, ୨୭।୧(ସମିସ)**

ସ୍ଥାନୀୟ ରୋଲାଣ୍ଡ ଫାର୍ମାସୀ କଲେଜର ଅଡ଼ିଟୋରିୟମ ହଲରେ ଶନିବାର ଏକ କର୍ମଶାଳା ଆୟୋଜିତ ହୋଇଯାଇଛି । ଏଥିରେ ଫାର୍ମାସୀ କାଉନସିଲ ଅଫ ଇଣ୍ଡିଆର କେନ୍ଦ୍ରୀୟ କାଉନସିଲ୍ ସଦସ୍ୟ ତଥା ବରିଷ୍ଠ ଗବେଷକ ଡଃ ପଦ୍ମ ଚରଣ ବେହେରା ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ସେହିପରି ଅନୁଷ୍ଠାନର ଅଧକ୍ଷା ଜେ. ଜୟଲକ୍ଷ୍ମୀ, ନିର୍ଦ୍ଦେଶିକା ଡଃ ଜେ. ଶ୍ରୁତି, ଅଧକ୍ଷ ଡଃ ବି.ଭି.ଭି ରବିକୁମାର, ଉପାଧ୍ୟକ୍ଷ ଡଃ ସିଏଚ. ନିରଞ୍ଜନ ପାତ୍ର, ଫାର୍ମାକୋଲୋଜି ବିଭାଗ ପ୍ରମୁଖ ଡଃ ବିମଳେନ୍ଦୁ ଚୌଧୁରୀ ଓ ଡଃ ନିହାର ରଞ୍ଜନ ଦାଶ ପ୍ରମୁଖ ମଞ୍ଚାସୀନ ଥିଲେ । କର୍ମଶାଳାରେ ବିଭିନ୍ନ ଔଷଧିୟ ଗବେଷଣା ସମୟରେ ଜୀବଯନ୍ତୁଙ୍କ ବ୍ୟବହାର ସମ୍ପର୍କରେ ୬ଟି ପରୀକ୍ଷଣ କରାଯାଇ ସଚେତନତା ସୃଷ୍ଟି କରାଯିବା ସହ ଉଚ୍ଚ ଗବେଷଣା କ୍ଷେତ୍ରରେ ଆବଶ୍ୟକୀୟ ସାବଧାନତା ଏବଂ ନିୟମ ଆଦି ବିଷୟରେ ପ୍ରାକ ସୂଚନା ମଧ୍ୟ ଦିଆଯାଇଥିଲା । ଅଧାପକ ରାଜାରାମ ଦାସ ପରିଚାଳନା କରିଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀ, ଶିକ୍ଷକମାନେ ମଧ୍ୟ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଫାର୍ମାକୋଲୋଜୀ ବିଭାଗର ସମସ୍ତ ଅଧାପକ, ଅଧାପିକା ସମେତ କର୍ମଚାରୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

**ଛତ୍ରପୁର,୨୭ ।୧(ସମିସ)**



ଛତ୍ରପୁର ପୁଲିସ୍ ପ୍ୟାରେଡ଼ ପଡ଼ିଆରେ ଜିଲ୍ଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ରୂପେ ଯୋଗଦେଇ ମିଳିତ ପରେଡ଼ରେ ଅଭିବାଦନ ଗ୍ରହଣ କରି ଗଞ୍ଜାମ ମାଟିର ବୀର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ସ୍ମୃତି ଚାରଣ କରି ସେମାନଙ୍କ ଅସୀମ ସାହସ ଓ ସାଲିସ ବିହୀନ ସଂଗ୍ରାମକୁ ନମନ କରିଥିଲେ । ପରେଡ୍‌ରେ ୨୪ଟି ଦଳ ଓ ଶାରୀରିକ କ୍ରୀଡାରେ ୨ଟି ଦଳ ଅଂଶଗ୍ରହଣ କରିଥଲେ । ଜିଲ୍ଲାର ୬ଟି ବିଭାଗ ତରଫରୁ ଉନ୍ନୟନମୂଳକ କାର୍ଯ୍ୟର ପ୍ରଦର୍ଶନ ନିମନ୍ତେ ପ୍ରଜ୍ଞାପନ ମେଢ ପ୍ରଦର୍ଶିତ କରିଥିଲେ । ରିଜର୍ଭ ଇନିସ୍ପେକ୍ଟର ଅଫ୍ ପୋଲିସ୍ ଅମୂଲ୍ୟ ନାୟକ, ସର୍ଜେଣ୍ଟ ଅଫ୍ ପୋଲିସ୍ ବିବେକାନନ୍ଦ ନାୟକ ପରେଡ଼ ପରିଚାଳନା କରିଥିଲେ । ଆର୍ମଡ୍ ପୋଲିସ୍ ରିଜର୍ଭ ପ୍ଲାଟୁନ କମାଣ୍ଡର କ୍ରିସ୍ତପଦ ହାଁସଦା ଦାୟିତ୍ୱ ତୁଲାଇଥିଲେ । ଏହି ସମାରୋହରେ ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଓ ଗଞ୍ଜାମ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଂଗ୍ରାମ କେଶରୀ ବେହେରାଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ପୁଲିସ ଅଧିକାରୀ ମାନେ ଯୋଗ ଦେଇଥିଲେ । ଜିଲ୍ଲା ସ୍ତରୀୟ ପ୍ୟାରେଡ୍ ରେ ଅଂଶ ଗ୍ରହଣ କରିଥିବା କଣ୍ଟିଜେଣ୍ଟ ମାନଙ୍କ ମଧ୍ୟରୁ ୱିନର୍ ଏବଂ ରନର୍ ମାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକତସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଜନରାଜ୍ୟ ଦିବସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଅପରାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ରଷିକୂଲ୍ୟା ସମ୍ମିଳନୀ କକ୍ଷରେ ଛତ୍ରପୁର ସାହିତ୍ୟ ସଂସଦର ସଭାପତି ବ୍ରଜ ମୋହନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ବହୁଭାଷୀ ଦେଶାଗବୋଧ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରାରମ୍ଭରେ ଓଡିଶାର ବିଶିଷ୍ଟ ସାହିତ୍ୟିକ ତଥା ପୂର୍ବତନ ସାଂସଦ ଅନାଦି ସାହୁଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା । ସଂପାଦକ ଦିଲ୍ଲୀପ କୁମାର ପଲେଇ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ମୁଖ୍ୟ ଅତିଥି ଭାବେ, ଅବସରପ୍ରାପ୍ତ ଉଚ୍ଚଶିକ୍ଷା ନିର୍ଦ୍ଦେଶକ ଡଃ କୈଳାଶ ଚନ୍ଦ୍ର ତ୍ରିପାଠୀ ଉଦ୍‌ଘାଟକ ଭାବେ ଏବଂ ପ୍ରାକ୍ତନ ପ୍ରାଧ୍ୟାପକ ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । କବୟତ୍ରୀ ପଦ୍ମିନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡଃ ଭି ରାଜେନ୍ଦ୍ର ରାଜୁ ଧନ୍ୟବାଦ ଅର୍ପଣ କରିଥିଲେ ।

**ସୋରଡ଼ା:** ସୋରଡ଼ା ଏନଏସି ପକ୍ଷରୁ ନିର୍ବାହୀ ଅଧିକାରୀ ଦ୍ୱିତୀକୃଷ୍ଣ ପାତ୍ର ଓ କର୍ମଚାରୀଙ୍କ ଭବ୍ୟ ଆୟୋଜନ କରାଯାଇ ଏନଏସି ଅଧକ୍ଷ ଶିବ ଶଙ୍କର ପଣ୍ଡାଙ୍କ ସହିତ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଓ ସମସ୍ତ କାଉଁସିଲର ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ଅନୁରୂପ ଭାବେ ସ୍ଥାନୀୟ ଥାନା ପରିସରରେ ଥାନାଧିକାରୀ ଅନିଲ କୁମାର ପରିଡା, ବ୍ଲକ



ପରିସରରେ ବିଡିଓ ବିଜୟ କୁମାର ପ୍ରଧାନ, ତହସିଲଦାର ସୁରେଶ ଚନ୍ଦ୍ର ପଣ୍ଡା, ଗୋଷ୍ଠୀ ଶିକ୍ଷାଅଧିକାରୀ ପ୍ରିୟଦର୍ଶିନୀ ନାୟକ ଭଳି ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳନ କରଯାଇଛି । ବଡ଼ଗଡ଼ ଥାନା ପରିସରରେ ଥାନାଧିକାରୀ ସନ୍ଧ୍ୟାରାଣୀ ସିଂ ଓ ବନାଞ୍ଚଳ ଅଧିକରୀ ପ୍ରମୋଦ କୁମାର ଖଣ୍ଡରାୟ ଏହି ଦିବସ ପାଳନ କରିଛନ୍ତି ।

**ଜଗନ୍ନାଥପ୍ରସାଦ:** ଜଗନ୍ନାଥପ୍ରସାଦ ସାମ୍ବାଦିକ ମଞ୍ଚ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ କରାଯାଇଛି । ଏଥିରେ ପୂର୍ବତନ ସରପଞ୍ଚ ଦେବୀପ୍ରସାଦ ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ସମିତି ମେମ୍ବର ଯୁଦ୍ଧିଷ୍ଠିର ସେଠୀ, ଦୀନବନ୍ଧୁ ସେଠୀ, ପ୍ରଦୀପ କୁମାର ସେଠୀ,




ବିଚିତ୍ର କୁମାର ପ୍ରଧାନ, ଲିଟୁ ବେହେରା, ଲକ୍ଷ୍ମୀନାରାୟଣ ଗୌଡ଼, ବିରୂପାକ୍ଷ ସେଠୀ, ସନାତନ ପ୍ରଧାନ, ମନୋଜ ପ୍ରଧାନ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଉପସ୍ଥିତ ରହିଥିବା ବେଳେ ସାମ୍ବାଦିକ ମଞ୍ଚ ପକ୍ଷରୁ ସାମ୍ବାଦିକ ସଭାପତି ଚିତ୍ତରଞ୍ଜନ ଗନ୍ତାୟତ, ଦିଗାମ୍ବର ନାୟକ, ମୃତ୍ୟୁଞ୍ଜୟ ପଣ୍ଡା, ଲକ୍ଷ୍ମୀନାରାୟଣ ବେହେରା, ନାରାୟଣ ନାଇକ, ଧନଞ୍ଜୟ ପଟ୍ଟନାୟକ, ଧବଳେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ ।

**ଆସିକା:** ଆସିକାରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଆସିକା ବ୍ଲକ କାର୍ଯ୍ୟାଳୟରେ ସ୍ଥାନୀୟ ବିଧାୟିକା ମଞ୍ଜୁଳା ସ୍ୱାଇଁ ପତାକା ଉତ୍ତୋଳନ କରିଥିବା ବେଳେ ଉପସ୍ଥିତ ଥିଲେ ସାଂସଦ ପ୍ରମିଳା ବିଷୋୟୀ, ବ୍ଲକ ଅଧକ୍ଷ ତ୍ରିବେଣୀ ନାହାକ, ବିଡିଓ ଫକୀର ଚରଣ ପରିଡା ଯୋଗ ଦେଇଥିବାବେଳେ ସେହିଭଳି ଆସିକା ଥାନାରେ ଥାନା ଅଧିକାରୀ ସ୍ୱରୂପ କିଶନ, ସିଡିପିଓ ଅଫିସ, ଆସିକା ଓକିଲ ସଙ୍ଘ କାର୍ଯ୍ୟାଳୟ ପକ୍ଷରୁ ସଭାପତି ରବୀନ୍ଦ୍ର ନାଥ ଶର୍ମା, ସମ୍ପାଦକ ନାରାୟଣ ମୁନିଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ । ସେହିପରି ଆସିକା କୋର୍ଟ ପରିସରରେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ପ୍ରବୀର କୁମାର ଚୟୁଧିରି, ତହସିଲ କାର୍ଯ୍ୟାଳୟ, ଟ୍ରକ ୟୁନିୟନ, ସମସ୍ତ ଶିକ୍ଷା ଅନୁଷ୍ଠାନ ଓ ସରକାରୀ ବେସରକାରୀ କାର୍ଯ୍ୟାଳୟରେ ମୁଖ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

**ଭଞ୍ଜନଗର:** ଭଞ୍ଜନଗର ସ୍ଥିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଷ୍ଟାଡିୟମରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏଥିରେ ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ରୂପେ ଏନଏସି ଭଞ୍ଜନଗର ଅଧକ୍ଷ ଗୋପବନ୍ଧୁ ମହାପାତ୍ର ଯୋଗଦେଇଥିଲେ । ଏହି ଅବସରରେ ଚିଦାନନ୍ଦ କୃଷ୍ଣ ରୋଗୀ ଆଶ୍ରମ ଓ ତନରଡ଼ା ବୃଦ୍ଧାଶ୍ରମରେ ଫଳ ବଣ୍ଟନ କରାଯାଇଥିଲା । ଏଥିରେ ଭଞ୍ଜନଗର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ବିଶ୍ୱାମିତ୍ର ହରପାଲ, ଅତିରିକ୍ତ ଉପଜିଲ୍ଲାପାଳ ବିଶ୍ୱରଞ୍ଜନ କର, ତହସିଲଦାର ଉମାଶଙ୍କର ବେହେରା, ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ, ଭଞ୍ଜନଗର ଏନଏସି କାର୍ଯ୍ୟ ନର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ଥାନା ଅଧିକାରୀ ଭଗବାନ ପୂଜାରୀ, ସାଂସଦ ପ୍ରତିନିଧି ପଞ୍ଚାନନ ପାଳ, ସମାଜସେବୀ ଶୂଳପାଣି ଶତପଥୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ସତପଥୀ ସଂଯୋଜନା ଓ ପରି ଚାଳନା କରିଥିବା ବେଳେ ବରିଷ୍ଠ କର୍ମଚାରୀ ପ୍ରଦୀପ ପାତ୍ର ଓ ତାରିଣୀ ସାହୁ ସହଯୋଗ କରିଥିଲେ ।



## 'ଓଡ଼ିଶାରେ କନ୍ଧମାଳର ସ୍ୱତନ୍ତ୍ର ସ୍ଥାନ ରହିଛି'

**ଫୁଲବାଣୀ,୨୭।୧(ସମିସ):** କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀରେ ଜିଲ୍ଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି । ସ୍ଥାନୀୟ ପୁଲିସ ରିଜର୍ଭ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗ ଦେଇ ପତାକା ଉତ୍ତୋଳନ କରିବା ସହ ସମବେତ ପ୍ୟାରେଡ଼ର ଅଭିବାଦନ ଗ୍ରହଣ କରିଥିଲେ । ଓଡ଼ିଶା ଏବେ ବିକାଶ ପଥରେ ଆଗେଇଛି, ଶିକ୍ଷା ସ୍ୱାସ୍ଥ୍ୟ ଦିଗରେ ରାଜ୍ୟ ସରକାର ଅନେକ କାର୍ଯ୍ୟ କରିଛନ୍ତି । କନ୍ଧମାଳ ଜିଲାରେ ଅନେକ ପ୍ରାକୃତିକ ସମ୍ପଦ ଭରପୁର ରହିଛି । ଏଠାକାର କଳା, ସଂସ୍କୃତି ନିଆରା, ପ୍ରାକୃତିକ ପରିବେଶ ପାଇଁ ଓଡ଼ିଶାରେ କନ୍ଧମାଳର ସ୍ୱତନ୍ତ୍ର ସ୍ଥାନ ରହିଛି ବୋଲି ମନ୍ତ୍ରୀ ଆରୁଖ ନିଜ ଅଭିଭାଷଣରେ କହିଥିଲେ । କାର୍ଯ୍ୟକ୍ରମରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସପି ଶୁଭେନ୍ଦୁ କୁମାର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇଙ୍କ ସମେତ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା । ଛାତ୍ରଛାତ୍ରୀ ସମବେତ ପରେଡ଼ ପ୍ରଦର୍ଶନ କରିଥିଲେ । କୁନି କୁନି ଶିଶୁ ଦେଶଭକ୍ତି ଉପରେ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ସନ୍ଧ୍ୟାରେ ଗାନ୍ଧୀ ସ୍ମୃତି ଭବରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।




- ଫୁଲବାଣୀରେ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ,
- ଅଭିବାଦନ ଗ୍ରହଣ କଲେ ଅର୍ଥମନ୍ତ୍ରୀ ବିକ୍ରମ ଆରୁଖ

## କରପଡ଼ା ନୋଡାଲ୍ ହାଇସ୍କୁଲର ବାର୍ଷିକୋତ୍ସବ

**ଦିଗପହଣ୍ଡି,୨୭ ।୧(ସମିସ):** ଦିଗପହଣ୍ଡି ବ୍ଲକ କରପଡା ଗ୍ରାମ ନୋଡାଲ ହାଇସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଲଳିତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ତହସିଲଦାର ଅଶୋକ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ମୁଖ୍ୟବକ୍ତା ଭାବେ ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ କୋରେଶ ସେଠୀ ଏବଂ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ସଂଯୁକ୍ତା କବି, କରପଡ଼ା ପଞ୍ଚାୟତ ସରପଞ୍ଚ ଫନିନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ, ଅବସରପ୍ରାପ୍ତ ଶିକ୍ଷକ ଯୋଗେନ୍ଦ୍ର ପ୍ରଧାନ, ହାଇସ୍କୁଲ ପରିଚାଳନା କମିଟି ସଭାପତି ବିଶ୍ୱନାଥ ପ୍ରଧାନ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ବାଳା ମାଝୀ, ରସାନନ୍ଦ ଘଡ଼େଇ, ସିଆରସିସି ଅନିଲ କୁମାର ଦାସ, ରବୀନ୍ଦ୍ର ନାଥ ବେହେରା ପ୍ରମୁଖ ମଞ୍ଚାସିନ ଥିଲେ । ଶିକ୍ଷକ ମହମ୍ମଦ ଇର ସାଦଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା କୁମାରୀ ବେହେରା, ମିଲି ପ୍ରଧାନ, ଜୟଶ୍ରୀ ପ୍ରଧାନ, ପି.ଅମ୍ବିକାରାଣୀ ଦାସ, ଜି.ତିଲୋତ୍ତମା ଦୋରା, ଶିକ୍ଷକ ସୁନୀଲ କୁମାର ପାଢ଼ୀ, ସୁଦର୍ଶନ ସେଠୀ, ଆଦାନନ୍ଦ ଜେନା, ମାଗୁଣି ଦଳାଇ, ଗୋବିନ୍ଦ ବେହେରା, ସନ୍ତୋଷ କୁମାର ଚୌଧୁରୀ, ସଞ୍ଜୟ କୁମାର ପ୍ରଧାନ, ସୁଶାନ୍ତ କଅଁର ପ୍ରମୁଖ ପରିଚାଳନା କରିଥିଲେ ।



## ସୌନ୍ଦର୍ଯ୍ୟକରଣ ପାର୍କ ଉଦ୍‌ଘାଟିତ

**ଛତ୍ରପୁର,୨୭ ।୧(ସମିସ):** ସାଧାରଣତନ୍ତ୍ର ଦିବସ ଅବସରରେ ଛତ୍ରପୁର ଏନଏନସି ପକ୍ଷରୁ ସ୍ଥାନୀୟ ସର୍କିଟ ହାଉସ ପରିସର ହୋଇଥିବା ଆଧୁନିକ ଧରଣର ସୌନ୍ଦର୍ଯ୍ୟକରଣ ପାର୍କକୁ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଉଦଘାଟନ କରିଛନ୍ତି । ଏହି ଅବସରରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଡୁଡା ପିଡି ନୀଳ ମାଧବ ଭୋଇ, ଛତ୍ରପୁର ଏନଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧକ୍ଷ ଜି. ପାପା ରାଓ, ଈଓ ସମ୍ବିତ ସଂଗ୍ରାମଜିତ ସାହୁ ଏବଂ ସମସ୍ତ କାଉନସିଲର ମାନେ ଉପସ୍ଥିତ ଥିଲେ । ସେହିପରି ରିକପଲ୍ଲୀ ଶ୍ମଶାନ ଏବଂ ବଡ଼ ରେଡ଼ି ସାହି ସ୍ଥିତ ଶ୍ମଶାନର ରୂପାନ୍ତରିତ କରଣ ନିମନ୍ତେ ଶୀଳାନ୍ୟାସ ହୋଇଯାଇଛି ।



## ଛଅ ଘର ପୋଡି ନଷ୍ଟ

**କୋଦଳା,୨୭ ।୧(ସମିସ):** ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ତାଳସର ପଞ୍ଚାୟତର ହଂସତୁଳି ଗାଁରେ ଶୁକ୍ରବାର ରାତିରେ କୌଣସି କାରଣରୁ ଭୟାଭୟ ଅଗ୍ନିକାଣ୍ଡ ଘଟି ଛକ ସାହିର ଛବିତା ଡାକୁଆ, ରଙ୍କ ଡାକୁଆ, ନାରାୟଣ ଡାକୁଆ, ଅଜୟ ନାୟକ, ପ୍ରଭାକର ନାୟକଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ନିଆଁ ଲିଭାଇବା ବେଳେ ଏବଂ ଅଗ୍ନିକାଣ୍ଡର ପ୍ରଭାବରେ ତ୍ରିନାଥ ପାତ୍ରଙ୍କ ଆଜବେଷ୍ଟ ଘରଟି ମଧ ନଷ୍ଟ ହୋଇ ଯାଇଅଛି । ଏହି ସବୁ ପରିବାର ଗୁଡିକ ଦିନ ମଜୁରିଆ ଶ୍ରେଣୀର ହୋଇ ଥିବାରୁ ତୁରନ୍ତ ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି । ଅଗ୍ନିକାଣ୍ଡର କାରଣ ଜଣାପଡିନଥିବାବେଳେ କୋଦଳା ଅଗ୍ନିଶମ ବାହିନୀ ସମେତ ଗ୍ରାମବାସୀ ମିଶି ନିଆଁକୁ ଆୟତ୍ତ କରିଥିଲେ

## ଭାଷା ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**ଧରାକୋଟ,୨୭ ।୧(ସମିସ):** ସ୍ଥାନୀୟ ମୁଣ୍ଡମରାଇ ସ୍ଥିତ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭାଷା ସାହିତ୍ୟ ସଂସ୍କୃତି ପ୍ରତିଯୋଗିତା ଓ ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଉଦଯାପିତ ହୋଇଯାଇଛି । ଅଧକ୍ଷ ଦିଗାମ୍ବର ବିଷୋୟୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ସମ୍ମାନିତ ଅତିଥି ଭାବରେ ଏବିଇଓ ପ୍ରଦୀପ କୁମାର ଶତପଥୀ ଯୋଗଦେଇ ଓଡ଼ିଆ ଭାଷାର ମହତ୍ତ୍ୱ, ଭବିଷ୍ୟତ ଓ ଏହା ଆମର ପରିଚୟ ବୋଲି ପ୍ରକାଶ କରିଥିଲେ । ନୋଡାଲ ଅଫିସର ଅଧ୍ୟାପିକା ଡ ସୁମିତ୍ରା ପାଢ଼ୀ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଦୁର୍ଗା ପ୍ରସାଦ ଆଚାରି ଅତିଥି ପରିଚୟ ପ୍ରଦାନ କରିଥିଲେ । ଓଡ଼ିଆ ଅଧ୍ୟାପିକା ଡ ବନ୍ଦନା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ରଞ୍ଜନ କୁମାର ପଟ୍ଟଯୋଷୀଙ୍କ ସହ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ବିଧାୟକଙ୍କ ବାଇକ୍ ଶୋଭାଯାତ୍ରା

**ଧରାକୋଟ,୨୭ ।୧(ସମିସ):** କେନ୍ଦ୍ର ସରକାରଙ୍କ ଜନମାରଣ ନୀତି, ଦୁର୍ନୀତି, ଭ୍ରଷ୍ଟାଚାର ବୃଦ୍ଧି, ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି, ଦାଦନ ଶ୍ରମିକ ରୋକିବା, ବେକାରୀ ସମସ୍ୟାର ଦୂରୀକରଣ, ଚାକିରିର ମିଥ୍ୟା ପ୍ରତିଶ୍ରୁତି ବିରୁଦ୍ଧରେ ଉଭୟ ସରକାରଙ୍କୁ ଟାର୍ଗେଟ କରି ବର୍ଷିଛନ୍ତି ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା । ଶନିବାର ଧରାକୋଟ ବ୍ଲକର ତାଳପାଟଣା ଛକ ଠାରୁ ପ୍ରାୟ ପାଞ୍ଚ ଶହରୁ ଅଧିକ ବାଇକ ରେ ଆସି ରୁଣ୍ଡ ହୋଇଥିବା କଂଗ୍ରେସ କର୍ମୀଙ୍କୁ ଉଦବୋଧନ ଦେଇ କେନ୍ଦ୍ର ସରକାରଙ୍କ ଦୋମୁହାଁ ନୀତିକୁ ସମାଲୋଚନା କରିଥିଲେ । ତାଳପାଟଣା ଠାରୁ ଆରମ୍ଭ ହୋଇଥିବା ବାଇକ ଶୋଭାଯାତ୍ରା ବ୍ଲକର ଧରାକୋଟ, ମୁଣ୍ଡମରାଇ, ଡ଼ଉଗାଁ ଛକ, ବାହାଡ଼ାଗୁଡା ଛକ ଦେଇ ଶେରଗଡ଼, ଜଗନ୍ନାଥପୁର ଦେଇ ଆମ୍ବଗଡ ଓ ସେଠାରୁ ଆସି ଦିଗପହଣ୍ଡି ଠାରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ବ୍ଲକ କଂଗ୍ରେସ ସଭାପତି ସୁନିଲ କୁମାର ଚୌଧୁରୀ, ବରିଷ୍ଠ ସଂଗଠକ ବିଶ୍ୱନାଥ ପ୍ରଧାନ, ଶତ୍ରୁଘ୍ନ ଗୌଡ଼, ଶୁଶାନ୍ତ ବେହେରା, ସୁଧାକର ସ୍ୱାଇଁ, ସୁନିଲ ସୁଆର, ରାଜା ସେଠୀ, ମିଥୁନ ସ୍ୱାଇଁଙ୍କ ସହ ସମସ୍ତ ପଞ୍ଚାୟତର କଂଗ୍ରେସ କର୍ମୀ ସାମିଲ ହୋଇଥିଲେ ।



## ରାମଜୀ କଲେଜରେ ଆଲୋଚନାଚକ୍ର

**ଦିଗପହଣ୍ଡି,୨୭ ।୧(ସମିସ):** ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ସ୍ଥିତ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ଓ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଏକ ଆଲୋଚନାଚକ୍ର ଅଧକ୍ଷ ଡ଼ଃ. ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭାଷା ସଂସ୍କୃତି ବିଶେଷଜ୍ଞ ଡ଼ଃ. ଯୁଧିଷ୍ଠିର ସ୍ୱାଇଁ, ଡଃ. ରମେଶ ଚନ୍ଦ୍ର ପ୍ରଧାନ ଏବଂ ଡଃ. ଅନନ୍ତରାମ କର କୌଣ୍ଡିନ୍ୟ ଆଲୋଚକ ରୂପେ ଯୋଗଦେଇ ଭୀଷ୍ମଗିରି ଅଞ୍ଚଳର ମହାନ୍ ଐତିହ୍ୟ ପରମ୍ପରା ଏବଂ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ । ଅଧ୍ୟାପକ ଜେନାମଣି ସାହୁ, ସୁଧି ରଞ୍ଜନ ହୋତା, ଶ୍ରୀନିବାସ ଶବର, ଅଧ୍ୟାପିକା ପୂଜା ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

## ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ



**ପୋଲସରା,୨୭ ।୧(ସମିସ):** ଗଞ୍ଜାମ ଜିଲ୍ଲା ପୋଲସରା ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ, ଯୁବ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ନୂଆ-ଓ, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି । ଅଧକ୍ଷ ପ୍ରଦୀପ କୁମାର ପରମଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ଛାତ୍ରୀ ମାନଙ୍କୁ ଉତ୍ତମ ସମ୍ପର୍କ ମାଧ୍ୟମରେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ବାଲିପଦର ଆଞ୍ଚଳିକ ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ଼.ବି. ପ୍ରକାଶଚନ୍ଦ୍ର ପାତ୍ର, ସମ୍ମାନୀୟ ଅତିଥି ପୋଲସରା ବିଡିଓ କୁରେଶ ଚନ୍ଦ୍ର ଜାନୀ, ବିଇଓ ପିଣ୍ଟୁ କୁମାର ପ୍ରଧାନ, ଏନଏସି ଉପାଧକ୍ଷ ସନ୍ତୋଷ କୁମାର ବେହେରା, ତହସିଲଦାର ରୁବି ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ କୃତୀ ଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ ବିଧାୟକ ଶ୍ରୀ ସାହୁ । ନୋଡାଲ ଅଫିସର ଡ଼.ରଞ୍ଜିତା କୁମାରୀ ମିଶ୍ର କାର୍ଯ୍ୟକ୍ରମ ଉପରେ ସୂଚନା ପ୍ରଦାନ କରିଥିବା ବେଳେ ପରିଷଦର ସଦସ୍ୟ ଅଧ୍ୟାପକ ଶିଶିର କାନ୍ତ ବିଷୋୟୀ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଧ୍ୟାପକ ମନୋଜ କୁମାର ପାଢ଼ୀ, ଧନିତ୍ରି ନାୟକ, ମକରଧ୍ୱଜ ବରାଡ଼, ଆଶିଷ କୁମାର ପ୍ରଧାନ, ଭାସ୍କର ସାହୁ, ଜଗନ୍ନାଥ ସୁଆର, ସନ୍ଧ୍ୟା କୁମାରୀ ନାୟକ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀ ମାନେ ଉପସ୍ଥିତ ଥିଲେ ।

## ପ୍ରଶାସନ-ପ୍ରେସ୍ କ୍ଲବ୍ ବନ୍ଧୁତାପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍

**ଛତ୍ରପୁର,୨୭ ।୧(ସମିସ):** ସାଧାରଣତନ୍ତ୍ର ଦିବସ ଅବସରରେ ସ୍ଥାନୀୟ ଷ୍ଟାଡିୟମ ଠାରେ ଜିଲ୍ଲା ପ୍ରଶାସନ ଓ ଛତ୍ରପୁର ପ୍ରେସ କ୍ଲବ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ୧୬ ଓଭର ବିଶିଷ୍ଟ ଏହି ମ୍ୟାଚରେ ଜିଲ୍ଲା ପ୍ରଶାସନ ବିଜୟୀ ହାସଲ କରିଛି । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଉତ୍ସାହିତ କରିବା ସହିତ ପୁରସ୍କାର ବିତରଣ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରବେଶନାରୀ ଆଇଏଏସ ଅଫିସର ସମୀର କୁମାର ଜେନା, ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଓ ଦେବବ୍ରତ ସାହୁ, ଡୁଡା ପିଡି ନୀଳ ମାଧବ ଭୋଇ, ଛତ୍ରପୁର ଉପଜିଲ୍ଲାପାଳ ଦେବଦତ୍ତ ମହାନ୍ତ, ଜିଏମ ଡିଆଇସି ପ୍ରସନ୍ନ କୁମାର ପାତ୍ର, ଡେପୁଟିକଲେକ୍ଟର ଦୟାସିନ୍ଧୁ ପରିଡା, ଜିଲ୍ଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ, ଡେପୁଟିକଲେକ୍ଟର (ନିର୍ବାଚନ) ରାଜେଶ କୁମାର ଏକ୍କା, ଆସିଷ୍ଟାଣ୍ଟ କଲେକ୍ଟର ଓମ ପ୍ରକାଶ ପରିଡା, ଛତ୍ରପୁର ଅତିରିକ୍ତ ତହସିଲଦାର ସ୍ମୃତି ସୁଦର୍ଶନ ସାହୁଙ୍କ ସମେତ ବହୁ ଅଧିକାରୀ ମାନେ ଖେଳିଥିଲେ । ସେହିପରି ପ୍ରେସ କ୍ଲବ ପକ୍ଷରୁ ସାମ୍ବାଦିକ ମାନେ ଖେଳିଥିଲେ । ଜିଲ୍ଲା ପ୍ରଶାସନ ଦଳ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଦେବ ବ୍ରତ ସାହୁ ଅଧିନାୟକ ଏବଂ ଡୁଡା ପିଡି ନୀଳମାଧବ ଭୋଇ ଉପ -ଅଧିନାୟକ ଦାୟିତ୍ୱ ତୁଲାଇଥିବା ବେଳେ ଛତ୍ରପୁର ପ୍ରେସ କ୍ଲବ ପକ୍ଷରୁ ଉପଦେଷ୍ଟା ବସନ୍ତ କୁମାର ମହାରଣା ଅଧିନାୟକ ଏବଂ ଉପସଭାପତି ସନ୍ତୋଷ ମିଶ୍ର ଉପଅଧିନାୟକ ଭାବେ ଦାୟିତ୍ୱ ତୁଲାଇଥିଲେ । ଏହି ଅବସର ରେ ଛତ୍ରପୁର ପ୍ରେସ କ୍ଲବର ସଭାପତି ରବୀନ୍ଦ୍ରନାଥ ପଣ୍ଡା, ସମ୍ପାଦକ ସରୋଜ କୁମାର ସାମଲ, ଉପଦେଷ୍ଟା ରବୀନ୍ଦ୍ର କୁମାର ପଣ୍ଡା, କ୍ଷୀରୋଦ ଚନ୍ଦ୍ର ସାହୁ ଓ ପ୍ରଶାନ୍ତ କୁମାର ମହାରଣାଙ୍କ ସମେତ ସମସ୍ତ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ ।



## ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା



**ଧରାକୋଟ,୨୭ ।୧(ସମିସ):** ଧରାକୋଟ ବ୍ଲକର ଜାହାଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ସରପଞ୍ଚ ସତ୍ୟବାଦୀ ସ୍ୱାଇଁ ପତାକା ଉତ୍ତୋଳନ କରିଥିବା ବେଳେ ମୁଖ୍ୟଅତିଥିଭାବରେ ଧରାକୋଟ ଅଗ୍ନିଶମ ଅଧିକାରୀ ଚିତ୍ତରଂଜନ ସାହୁ ଯୋଗଦେଇଥିଲେ । ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ସକ୍ରିୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ତଥା ଦୈନିକ ସକାଳ ଖବର କାଗଜ ପ୍ରତିନିଧି ହୃଦାନନ୍ଦ ଜେନା, ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ନାୟକ ଓ ରବି ନନ୍ଦନ ପ୍ରଧାନଙ୍କୁ ପଞ୍ଚାୟତ ତରଫରୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## 'ଆମ ଓଡ଼ିଶା ନବୀନ ଓଡିଶା' କାର୍ଯ୍ୟକ୍ରମ



**ଦିଗପହଣ୍ଡି,୨୭ ।୧ (ସମିସ):** ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ ମାଧ୍ୟମରେ ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ କାର୍ଯ୍ୟାଳୟରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ଏମ୍. ଶ୍ରାମଘନଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ ଏବିଡିଓ ପ୍ରଶାନ୍ତ କୁମାର ରଥ, କନିଷ୍ଠ ଯନ୍ତ୍ରୀ ଇଂ. ତପସ୍ୱିନୀ ପାଢ଼ୀ , ଗ୍ରାମ୍ୟ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଇଂ. ଜ୍ୟୋତି ପ୍ରକାଶ ବିଶ୍ୱେସରାୟ , ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ଏମ୍. ନିରଞ୍ଜନ ରେଡ୍ଡୀ, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପ୍ରଧାନ, ଜକର ସରପଞ୍ଚ ରଶ୍ମିତା କୁମାରୀ ପ୍ରଧାନ, ସରପଞ୍ଚ ପ୍ରତିନିଧି ସନ୍ତୋଷ ଦୋରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଦୀପ ପଟ୍ଟନାୟକ, ଗ୍ରାମ ରୋଜଗାର ସେବକ ପିଙ୍କି ପାଇକ ଙ୍କ ସମେତ ଅନ୍ୟାନ୍ୟ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକ ସ୍ଥଳୀ ଓ ପ୍ରାଥମିକ ବିଦ୍ୟାଳୟ ଗୁଡିକର ରୂପାନ୍ତରୀକରଣ, ମହିଳା ସଶକ୍ତିକରଣ, କ୍ରୀଡା, ଐତିହ୍ୟ ଭିତ୍ତିଭୂମିର ବିକାଶ, ସୁଗମ ପରିବହନ ବ୍ୟବସ୍ଥାକୁ ପ୍ରଚାର ମାଧ୍ୟମରେ ପଞ୍ଚାୟତବାସୀଙ୍କୁ ସଚେତନତା କରାଯାଇଥିଲା । ଶେଷରେ ବିଦ୍ୟାଳୟ ଛାତ୍ରୀ ଛାତ୍ର ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇ ପୁରସ୍କାର ପ୍ରଦାନ କରାଯାଇଥିଲା ।

# ବ୍ରହ୍ମପୁରରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ





**ବ୍ରହ୍ମପୁର, ୨୭।୧(ସମିସ):** ବ୍ରହ୍ମପୁରରେ ୭୫ତମ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆଓ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ନିଜ ଅଭିଭାଷଣରେ ସେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମ୍ବିଧାନ ପ୍ରଣେତା ଡା. ଭୀମାରାଓ ଆମ୍ବେଦକରଙ୍କୁ ସ୍ମୃତିଚାରଣ କରିଥିଲେ। ଅହିଂସା ପରମ ଧର୍ମ ଓ ପ୍ରଗତିର ମୂଳମନ୍ତ୍ର ବୋଲି ଏଣୁ ଗାନ୍ଧିଜୀଙ୍କ ଅହିଂସା ନୀତିରେ ଦେଶ ସ୍ୱାଧୀନ ହୋଇଥିଲା ବୋଲି ସେ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ପ୍ରାତଃ ସମୟରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୁନ ପରିବେଷଣ କରି ସହର ପରିକ୍ରମା କରାଯାଇଥିଲା। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ୟାରେଡରେ ସମୁଦାୟ ୩୭ଗୋଟି ପ୍ଲାଟୁନ୍ ଭାଗ ନେଇଥିଲେ। ସିନିୟର୍ ଡିଭିଜନ ଏନ ସି ସି ସ୍ତରରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ନାଭାଲ ୱିଙ୍ଗ ଓ ସିଟି କଲେଜ ବ୍ରହ୍ମପୁର ଆର୍ମି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଜୁନିୟର ଡ଼ିଭିଜନ ଏନ୍ ସି ସି ବାଳିକା ବର୍ଗରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଆର୍ମୀ ପ୍ରଥମ ଓ ଡି ପଲ୍ ସ୍କୁଲ ଆର୍ମୀ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଜୁନିୟର ଡିଭିଜନ ଏନ୍ ସି ସି ବାଳକ ବର୍ଗରେ ଆମ୍ବପୁଆ ସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲ୍ ଆର୍ମୀ ପ୍ରଥମ ଓ ଦ୍ୱୀତିୟ ସ୍ଥାନରେ ସିଟି ହାଇସ୍କୁଲ ଏୟାର ୱିଙ୍ଗ। ସ୍କାଉଟ୍ ଓ ଗାଇଡରେ ଯଥାକ୍ରମେ ଅରବିନ୍ଦନଗର ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଅରବିନ୍ଦ ନଗର ଏବଂ ମିନାକ୍ଷୀନଗର ସେଣ୍ଟ ଜାଭିୟର ହାଇସ୍କୁଲ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ସବ୍ ଜୁନିୟର ଡିଭିଜନ ସିଭିଲିୟନ୍ ସ୍ତରରେ ପ୍ରଥମ ଗୁରୁନାନକ ପବ୍ଲିକ ସ୍କୁଲ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଦିଲ୍ଲୀ ପବ୍ଲିକ ସ୍କୁଲ। ଜୁନିୟର ଡିଭିଜନ ସିଭିଲିୟନରେ ଆଙ୍କୁଲି ସ୍ଥିତ ବାପୁଜୀ ଶିଶୁମନ୍ଦିର ଅଙ୍କୁଲି ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ହୋଲି ଏଞ୍ଜେଲ କନଭେଣ୍ଟ ସ୍କୁଲ। ସିନିୟର୍ ଡିଭିଜନ ସିଭିଲିୟାନ ସ୍ତରରେ ଅମରେଶ୍ୱର ପବ୍ଲିକ ହାଇସ୍କୁଲ ପ୍ରଥମ ଓ ରାଳବ ସ୍ଥିତ ସଂକଳ୍ପ ସିନିୟର୍ ସେକେଣ୍ଡାରୀ ସ୍କୁଲ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜୁନିୟର ସ୍ତରରେ ଶାରୀରିକ କୌଶଳ ପ୍ରଦର୍ଶନ କ୍ଷେତ୍ରରେ ମିନାକ୍ଷୀନଗର ସେଣ୍ଟ ଜାଭିୟର୍ସ ହାଇସ୍କୁଲ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ଆମ୍ବପୁଆ ସ୍ଥିତ ନ୍ୟୁ ଡି ପଲ୍ ସ୍କୁଲ। ସିନିୟର୍ ସ୍ତରରେ ରାଳବ ସ୍ଥିତ ସଂକଳ୍ପ ସିନିୟର୍ ସେକେଣ୍ଡାରୀ ସ୍କୁଲ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ଅମେରେଶ୍ୱର ପବ୍ଲିକ ହାଇସ୍କୁଲ। ୩ଦିନ ପ୍ୟାରେଡ୍ ଅଭ୍ୟାସରେ ଉତ୍ତମ ପ୍ରଦର୍ଶନ କରିଥିବା ସରସ୍ୱତୀ ଡିଗ୍ରୀ ବିଦ୍ୟା ମନ୍ଦିର, ନୀଳକଣ୍ଠ ନଗର ଆର୍ମୀ ପ୍ଲାଟୁନକୁ ବେଷ୍ଟ ଜୁରୀ ଭାବରେ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟରେ ଉତ୍ତମ ପ୍ରଦର୍ଶନ ପାଇଁ ୬ଜଣ ପୋଲିସ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥିଙ୍କ ସହ ଆରକ୍ଷୀ ଅଧିକ୍ଷକ ଡ଼ ସର୍ବଣା ବିବେକ ଏମ, ବ୍ରହ୍ମପୁର କମିଶନର ଜେ. ସୋନାଲ, ବ୍ରହ୍ମପୁର ଉପଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମଞ୍ଚାସୀନ ଥିଲେ। ଶେଷରେ ମୁଖ୍ୟଅତିଥି ପାଲୁରହିଲ ସ୍ଥିତ ଶ୍ରଦ୍ଧାଳୟର ଅନ୍ତେବାସୀମାନଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରିଥିଲେ ଏବଂ ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ବୁଝିଥିଲେ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଧାରଣତନ୍ତ୍ର ଦିବସ

**ବ୍ରହ୍ମପୁର, ୨୭।୧(ସମିସ):** ବ୍ରହ୍ମପୁର ସହରର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଅନୁଷ୍ଠାନ ଆଦିରେ ୭୫ତମ ସାଧାରଣତନ୍ତ୍ର ଦିବସ ମହାଆଡମ୍ବରପୂର୍ଣ୍ଣ ସହକାରେ ପାଳିତ ହୋଇଯାଇଛି। ଜାତୀୟ ପତାକା ଉତ୍ତୋଳନ ସହ ଦେଶର ଅସ୍ମିତା ଓ ସାମ୍ବିଧାନିକ ଅଧିକାର ସମ୍ପର୍କରେ ଉପସ୍ଥିତ ବୁଦ୍ଧିଜୀବୀ ମତବ୍ୟକ୍ତ କରିଥିଲେ।

## ● ମହାନ ସଂଘ



ରାମଚନ୍ଦ୍ରପୁର ସ୍ଥିତ ବିଶ୍ୱନିକେତନ ଜରା ନିବାସରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ସମାଜସେବୀ ତଥା ଅନୁଷ୍ଠାନର ସଭାପତି ସୁଶାନ୍ତ କୁମାର ସାବତ ପତକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ନିକେତନ ସମ୍ପାଦକ ରୁପକାନ୍ତ ସାମନ୍ତରା, ଉପସଭାପତି ସଞ୍ଜୟ ମାଝୀଙ୍କ ସମେତ ସମସ୍ତ ସଦସ୍ୟ, ସଦସ୍ୟା, ଅନ୍ତେବାସୀ, ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

## ● ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ

ସ୍ଥାନୀୟ ଗୋଇଲୁଣ୍ଡି କାର୍ଯ୍ୟାଳୟରେ ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚ ପକ୍ଷରୁ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। ଏଥିରେ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା




ପତାକା ଉତ୍ତୋଳନ କରିଥିଲେ। ଶିକ୍ଷକନେତା ଅଶୋକ ଦଳାଇ ଉପସ୍ଥିତ ରହି ଜୀବନରେ ଶିକ୍ଷିତ ହେବା ସହ ଅନ୍ୟାୟ ବିରୋଧରେ ସ୍ୱରଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୌରୀଶଙ୍କର ମହାନ୍ତି, ଲକ୍ଷ୍ମୀ ଚରଣ ପଣ୍ଡା, ବସନ୍ତ ଦାସ ପ୍ରମୁଖ ଯୋଗ ଦେଇଥିବାବେଳେ ବହୁ ଛାତ୍ରଛାତ୍ରୀଙ୍କ ଉପସ୍ଥିତ ଥିଲେ।

## ● 'ସକାଳ' ବ୍ରହ୍ମପୁର କାର୍ଯ୍ୟାଳୟ

ସ୍ଥାନୀୟ ଗଜପତିନଗର ପ୍ରଥମ ଲାଇନ୍ ସ୍ଥିତ "ସକାଳ' ବ୍ରହ୍ମପୁର ସଂସ୍କରଣ କାର୍ଯ୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।



ଏଥିରେ ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପ୍ରତିନିଧି କ୍ଷୀରସିନ୍ଧୁ ମହାନ୍ତି, ବିଜ୍ଞାପନ ବିଭାଗର ଦୀପକ ପଣ୍ଡା, ଭବାନୀ ଶଙ୍କର ମହାପାତ୍ର, ନଗର ପ୍ରତିନିଧି ସୁଶାନ୍ତ କୁମାର ପଣ୍ଡା, ପିଣ୍ଟୁ ବେହେରା, ଗୋପାଳ ରେଡ୍ଡୀ, ରାଜେଶ ସାହୁ ଓ ଶଙ୍କର ଭତ୍ରାଙ୍କ ସମତେ ଅନ୍ୟମାନେ ଉପସ୍ଥିତ ଥିଲେ।

## ● ଭାରତୀୟ କମ୍ୟୁନିଷ୍ଟ ପାର୍ଟି

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାର୍କସାହି ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ପାଳନ କରାଯାଇଛି। ପାର୍ଟିର 'ନୂଆଁ' ସାପ୍ତାହିକ ପତ୍ରିକା ସମ୍ପାଦକ ରମେଶ ପାଢ଼ୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଶାନ୍ତି, ମୈତ୍ରୀ, ସମୃଦ୍ଧି ଓ ସ୍ୱାଭିମାନର ପ୍ରତୀକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାର୍ଟିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ପ୍ରକାଶ ପାତ୍ର, କାମଦେବ ନାହାକ, ମହମ୍ମଦ ଉଷମାନ, ପ୍ରତିମା ଦେବୀ, ମହେନ୍ଦ୍ର ପାତ୍ର, ଦେବେନ୍ଦ୍ର ପାତ୍ର, ଆର. ବିଜୟଲକ୍ଷ୍ମୀ, ପ୍ରଦୀପ ସେଠୀ, ପ୍ରଫୁଲ ଜେନା ଓ ରବୀନ୍ଦ୍ର ନାୟକ ପ୍ରମୁଖ ଅଂଶଗ୍ରହଣ ଦେଇଥିଲେ।

## ● ବ୍ରହ୍ମପୁର ନଗର ଚିକିତ୍ସାଳୟ

ସ୍ଥାନୀୟ ନଗର ଚିକିତ୍ସାଳୟ ପରିସରରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ଉମାଶଙ୍କର ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମେଡ଼ିକାଲର ଅଧୀକ୍ଷକ ଡା. ବିଶ୍ୱମ୍ବର ବେହେରା, ଡ଼ିପିଏଚଓ ଡ଼ା. ଜଗଦୀଶ ପଟ୍ଟାନାକ, ହସ୍ପିଟାଲ ମ୍ୟାନେଜର ଡ଼ା. ଡି ବ୍ରଜରାଜ, କବିତାମଞ୍ଜରୀ ପଲାଇଙ୍କ ସେମତ ଅନ୍ୟକର୍ମଚାରୀମାନେ ଉପସ୍ଥିତ ଥିଲେ। ସେହିପରି ଜିଲ୍ଲା ମେଡିକାଲ କର୍ମଚାରୀ



ସଂଘର ସାଧାରଣ ସମ୍ପାଦିକା ରେଣୁପ୍ରିୟା ପାଢ଼ୀ, ରାଜ୍ୟ ଯୁଗ୍ମସମ୍ପାଦକ ରବୀନ୍ଦ୍ର ନାୟକ, କୋଷାଧ୍ୟକ୍ଷ ଟୁନା ଜେନା, ବିଜୟ ପାତ୍ର, ପୂର୍ବତନ ସମ୍ପାଦକ ଜି. ନରସିଂହ ରାଓ, ମମତା ନାୟକ, ଆଦିତ୍ୟ ପାଢ଼ୀ ପ୍ରମୁଖଙ୍କ ସମେତ ସମସ୍ତ ସ୍ଥାୟୀ, ଅସ୍ଥାୟୀ କର୍ମଚାରୀ ଓ ସୁରକ୍ଷାକର୍ମୀ ଉପସ୍ଥିତ ଥିଲେ।

## ● ଏକେସିଜି ମେଡ଼ିକାଲ ଓ କଲେଜ

ଏକେସିଜି ମେଡ଼ିକାଲ ଓ କଲେଜ ପରିସରରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏମକେସିଜି କଲେଜ ପରିସରରେ ଡ଼ିନ ପ୍ରଫେସର ଡ଼ା. ସନ୍ତୋଷ କୁମାର ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିବା



ବେଳେ ଏମକେସିଜି ମେଡ଼ିକାଲରେ ପରିସରରେ ମେଡ଼ିକାଲ ଅଧୀକ୍ଷକ ପ୍ରେଫେସର ଡ଼ା. ସୂଚିତ୍ରା ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏ ଅବସାରେ ମେଡ଼ିକାଲର ରେଡ଼ିଓଗାଫର ଗଣେଷ ସବରଙ୍କୁ ଉତ୍ତମ ସେବା ନିମନ୍ତେ ପୁସ୍କାର ପ୍ରଦାନ କରି ସମ୍ବର୍ଦ୍ଧନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏକେସିଜି ମେଡ଼ିକାଲ ଓ କଲେଜର ରେଜିଷ୍ଟ୍ରାର ସଂଗ୍ରାମଶେଖର ପଣ୍ଡାଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ଥିଲେ। ଏହା ସହ ଆଉଟସୋରସିଂ ସଭାପତି ସିଏଚ. ସୁନିଲ ପାତ୍ର, ସମ୍ପାଦକ ଏନ. ନିରଞ୍ଜନ ଦାସ, ଉପସଭାପତି ପି. ରାମେଶ ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥି ଥିଲେ।

## ● ଗଜପତିନଗର ପ୍ରାଥମିକ ବିଦ୍ୟାଳୟ

ସ୍ଥାନୀୟ ଗଜପତି ନଗର ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀଙ୍କ ଅଧ୍ୟକ୍ଷତାରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ ପରେ ଅନନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ● ଗଜପତି ନଗର ଉନ୍ନୟନ କମିଟି

ସ୍ଥାନୀୟ ମହାନଗର ନିଗମ ପାଠାଗାର ନିକଟରେ ଗଜପତିନଗର ଉନ୍ନୟନ କମିଟି ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସଭାପତି ଗଗନ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ଣ୍ଣଲ ଜି.କେ ମିଶ୍ର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ଅତିଥିଭାବେ ସ୍ଥାନୀୟ କର୍ପୋରେଟର ସମୀର କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ନେତା ରାଜେନ୍ଦ୍ର କୁମାର ପଣ୍ଡା, ସମ୍ପାଦକ ରାଜେଶ କୁମାର ସାହୁ ପ୍ରମୁଖ ଯୋଗ ଦେଇଥଲେ। ଏହି ଅବସରରେ ଉପସ୍ଥିତ ସ୍କୁଲର ଛାତ୍ରଛାତ୍ରୀଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

## ● ଡ. ବି.ଆର ଆମ୍ବେଦକର ଏସସି ଏସଟି ବିକାଶ ମଞ୍ଚ

ସ୍ଥାନୀୟ ଡିମିରା ସାହି ସ୍ଥିତ ଡ଼ଃ ବି.ଆର ଆମ୍ବେଦକର ଏସସି ଏସଟି ବିକାଶ ମଞ୍ଚ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମଞ୍ଚ ସଭାପତି ଭାସ୍କର ହାତୀ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବରେ ଦୈନିକ ଖବରକାଗଜ 'ସକାଳ'ର ବ୍ରହ୍ମପୁର ସଂସ୍କରଣ ମୁଖ୍ୟ ଶକ୍ତିଧର ରାଜଗୁରୁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚର



ସାଧାରଣ ସମ୍ପାଦକ ବିଷ୍ଣୁପ୍ରିୟା ନାୟକ, ଦାଶରଥି ଦାସ, ରବି କୁମାର ନାୟକ, ରାମ ଦାସ, ବିଜୟ ସେଠୀ, ଅଶୋକ ନିମାଇ, ଗାଗାରିନ ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ● 'ନିଷ୍ଟ'

ପାଲୁରହିଲ ସ୍ଥିତ ନିଷ୍ଟ୍ ଅନୁଷ୍ଠାନ ପରିସରରେ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି। ଏଥିôରେ ମୁଖ୍ୟଅତିଥି ଭାବେ ଇଣ୍ଡିଆନ ନେଭିର ପିଟି ଅଫିସର ପ୍ରମୋଦ ପାଣିଗ୍ରାହୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



ଅନ୍ୟମାନଙ୍କ ମଧ୍ୟରେ ନିଷ୍ଟ ଅନୁଷ୍ଠାନର ଅଧ୍ୟକ୍ଷ ଡ. ପି. ରାଜେଶ କୁମାର, ଉପ ଅଧ୍ୟକ୍ଷ ଡ଼. ବିଷ୍ଣୁଙ୍କର ନାୟକ, ପ୍ରଶାସନ ମୁଖ୍ୟ ସୟଦ ସୁଲେମାନଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ● ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟ

ଦକ୍ଷିଣାଞ୍ଚଳ ଆଇଜିଙ୍କ କାର୍ଯ୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଠାରେ ଦକ୍ଷିଣାଞ୍ଚଳ ଏଏସପି ରାମକୃଷ୍ଣପତିଙ୍କ



ସମେତ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତି ଥିଲେ। ଅନୁରୁପ ଭାବେ ବ୍ରହ୍ମପୁର ପୁଲିସ ମୁଖ୍ୟ କାର୍ଯ୍ୟାଳୟରେ ଏହି ଦିବସ ପାଳିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଏସପି ରମେଶ ଚନ୍ଦ୍ର ସେଠୀ, ଅସୀମ କୁମାର ପଣ୍ଡାଙ୍କ ସମେତ ବହୁ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବ୍ରହ୍ମପୁର ଜେଲ୍ ପରିସରରେ ମଧ୍ୟ ଏହି ଦିବସ ଧୁମଧାମରେ ପାଳିତ ହୋଇଥିଲା। ଅନ୍ତେବାସୀଙ୍କ ଉପସ୍ଥିତରେ ଜେଲ ଅଧୀକ୍ଷକ ଡି.ଏନ. ବାରିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଠାରେ ଜେଲରଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅନୁରୁପଭାବେ ବ୍ରହ୍ମପୁର ପୁଲିସ ଜିଲାର ସମସ୍ତ ଥାନା ଓ ଫାଣ୍ଡିରେ ୭୫ତମ ଜନରାଜ୍ୟ ଦିବସ ପାଳିତ ହୋଇଯାଇଛି।

## ● ଜିଲ୍ଲା ଦୌରାଜଜ୍

ବ୍ରହ୍ମପୁର କୋର୍ଟରେ ସାଧାରଣତନ୍ତ୍ର ଦିବସ ପାଳିତ। ବ୍ରହ୍ମପୁର ଜିଲ୍ଲା ଦୌରାଜଜ କୋର୍ଟ ପରିସରରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୋର୍ଟ ପରିସରରେ ଜିଲ୍ଲାଜଜ ରୂପଶ୍ରୀ ଚୌଧୁରୀ ଜାତୀୟ ପତାକା ଉତ୍ତୋଳନ କରିବା ସହ ନିଜର ଅଭିଭାଷଣ ରଖିଥିଲେ। ଏଥିରେ ସମସ୍ତ ଜଜ, ପିପି, ଏପିପିଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ● ଗଞ୍ଜାମ ଓକିଲ ସଂଘ

ଗଞ୍ଜାମ ଓକିଲ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏଥିରେ ଗଞ୍ଜାମ ଓକିଲ ସଂଘର ସଭାପତି ମିନତୀ ରଥ ଜାତୀୟ ପତାକା ଉତ୍ତୋଳନ କରିବା ସହ ନିଜର ଅଭିଭାଷଣ ରଖିଥିଲେ। ଏଥିରେ ସମ୍ପାଦକ ଶିବ ନାରାୟଣ ସାହୁ, ଉପ ସଭାପତି ଏମ. ଚନ୍ଦ୍ରଶେଖର ଓ ସହ ସମ୍ପାଦକ ତାପସ ସାହୁଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ● ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି

ସ୍ଥାନୀୟ ବ୍ରଜନଗରଠାରେ ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ବ୍ରଜନଗର ଉନ୍ନୟନ ପରିଷଦର ସଭାପତି ଡ ଶିବ ପ୍ରସାଦ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟବକ୍ତା ରୂପେ କମିଟର ଉଦେଦେଷ୍ଟା ପ୍ରଫେସର ଡ଼. ରଙ୍ଗନାଥ ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ କୁନି ପିଲାମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଗାନ କରିବା ସହ ନୃତ୍ୟ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଦେବୀ ପ୍ରସାଦ ଦାସ, କାର୍ଯ୍ୟାଳୟ ସମ୍ପାଦକ ଦିଗାମ୍ବର ସାମନ୍ତରାୟ, ସଂଗଠନ ସମ୍ପାଦକ ଶ୍ରୀକାନ୍ତ ପଡ଼ିହାରୀ, ଉପ ସଂଗଠନ ସମ୍ପାଦକ ଅଜିତ୍ ପଟ୍ଟନାୟକ, ସହ ସଂଗଠନ ସମ୍ପାଦକ ଶ୍ରୀମନ୍ତ ପାଣିଗ୍ରାହୀ, ସହସମ୍ପାଦକ ବି. ଭି.ସାଗର, ଯୁଗ୍ମସମ୍ପାଦକ ଟି. ସୁଦେଶ ପାତ୍ର, ଉପ ସମ୍ପାଦକ କାହ୍ନୁଚରଣ ପତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ● ଭାରତୀୟ ଜନତା ପାର୍ଟି

ସ୍ଥାନୀୟ ଗାନ୍ଧୀନଗର ଛକରେ ଶନିବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହାକୁ ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁଚରଣ ପତି ତତ୍ତ୍ୱାବଧାନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଭାରତୀୟ ଜନତା ପାର୍ଟିର ପୂର୍ବତନ ଗଞ୍ଜାମ ଜିଲ୍ଲା ସଭାପତି ବିଭୂତିଭୂଷଣ ଜେନା ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଜନସାଧାରଣଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲ୍ଲା ଉପସଭାପତି ସୁନିଲ କୁମାର ସାହୁ, ରାମକୁମାର ପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁଡୁନ ପାତ୍ର, ରାଜ୍ୟ ମହିଳାମୋର୍ଚ୍ଚା ସାଧାରଣ ସମ୍ପାଦିକା ବବିତା ପାତ୍ର, ସୁନିଲ ପାତ୍ର, ରଜତ ପଣ୍ଡିତଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ● ବେଲଗୁଣ୍ଠା

ବେଲଗୁଣ୍ଠା ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଏବଂ ସାମାଜିକ ଅନୁଷ୍ଠାନରେ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବେଲଗୁଣ୍ଠା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ହାଇସ୍କୁଲ୍ ପଡ଼ିଆରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋରଡ଼ା ବିଧାୟକ




ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ବେଲଗୁଣ୍ଠା ବିଡିଓ ଭାରତୀ ଦେବୀ, ନଗରପାଳ ଫିରୋଜ ସେଠୀ, ପୂର୍ବତନ ନଗରପାଳ ତଥା ସାଂସଦ ପ୍ରତିନିଧି ରବୀନ୍ଦ୍ରନାଥ ମହାପାତ୍ର, କାର୍ଯ୍ୟ ନିର୍ବାହି ଅଧିକାରୀ ରାକେଶ କୁମାର ପାତ୍ର, ଆଇନଜୀବୀ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ।

## ● ଖଲ୍ଲିକୋଟ୍

ଖଲ୍ଲିକୋଟ୍ ଓ ଏହାର ଆଖପାଖ ଅଞ୍ଚଳରେ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଉତ୍ସବରେ ଯୋଗ ଦେଇ ଖଲ୍ଲିକୋଟ ଏନ ଏ ସି ଅଧକ୍ଷ ଇଂ. ନିରଞ୍ଜନ ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। କାର୍ଯ୍ୟକ୍ରମରେ ଏନଏସି ଉପାଧକ୍ଷା ଲିଲି ସାହୁ, କାଉନସିଲର ପ୍ରଦୀପ କୁମାର ପଟ୍ଟନାୟକ, ସୁଜାତା ସାମନ୍ତ, ନାରାୟଣ ପାଢ଼ୀ, ବଳରାମ ବେହେରା, କାଳିଆ ପରିଡ଼ା, ନାରାୟଣ ବାରିକ, ଅଶୋକ ସେଠି, ରେମତି ଦାସ, ସନ୍ତୋଷୀ ଦାସ ପ୍ରମୁଖ କାଉନସିଲରଙ୍କ ସମେତ ବିଜେଡ଼ି ନଗର ସଭାପତି କେ. ନରେନ୍ଦ୍ର କୁମାର ପାତ୍ର, ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର ଓ ବରିଷ୍ଠ ନାଗରିକ ମଞ୍ଚର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ। ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ପତାକା ଉତ୍ତୋଳନ କରିଥିବା ବେଳେ ବ୍ଲକ ଅଧକ୍ଷ ଦୈତାରୀ ବେହେରା, ବିଡ଼ିଓ ଦେବାଶିଷ ସାମଲ, ସାଂସଦ ପ୍ରତିନିଧି ରତ୍ନାକର ସାହୁ, ଜିଲ୍ଲା ପରିଷଦ



ସଭ୍ୟ ସୋନମ ପଲାଇ ସମେତ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ସେହିପରି ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ସହ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏହି ଅବସର ରେ ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗ ଦେଇ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ତୁଳସୀପୁର ପଞ୍ଚାୟତ ଅଫିସ ଠାରେ ପତାକା ଉତ୍ତୋଳନ କରିଥିଲେ।

## ଗଜପତି ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

# ‘ଦେଶ ପ୍ରତି ଗଜପତି ମାଟିର ସନ୍ତାନଙ୍କ ଅବଦାନ ଅନନ୍ୟ’



ବ୍ରାହ୍ମଣୀଗାଁ



ପାରଳାଖେମୁଣ୍ଡି

**ପାରଳାଖେମୁଣ୍ଡି,୨୭ ।୧(ସମିସ):**

ଗଜପତି ଜିଲ୍ଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ସମାରୋହ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ମୁଖ୍ୟଅତିଥି ରୂପେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। କଳା, ସାହିତ୍ୟ, ସଂସ୍କୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ଆଦିଭୂମି, ଉତ୍କଳର ଅନ୍ୟତମ ପୁଣ୍ୟପୀଠ ହେଉଛି ଗଜପତି। ଏହି ଐତିହ୍ୟ ସଂପନ୍ନ ଅଞ୍ଚଳକୁ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ଦେବା ଏବଂ ଉନ୍ନତି ପାଇଁ ଓଡ଼ିଶାର ବରପୁତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବିଶେଷ ଅବଦାନ ରହିଛି । ସ୍ୱାଧୀନତାର ଏହି ମହାଯଜ୍ଞରେ ପାରଳାର ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ସମେତ ନାରାୟଣ ପାତ୍ର, ବଳରାମ ପଣ୍ଡା, ଆପନ୍ନା ପାତ୍ର, ମାଧବ ରାଉତ, ରସିକ ଜେନା, ଯୁଗଳ କିଶୋର ପାଣିଗ୍ରାହୀ ଅସହଯୋଗ, ଆଇନ ଅମାନ୍ୟ ଓ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇଥିଲେ । ଏହା ଥିଲା ଦେଶ ମାତୃକା ପ୍ରତି ଗଜପତି ମାଟିର ସୁଯୋଗ୍ୟ ସନ୍ତାନଙ୍କ ଅବଦାନ ବୋଲି ଜିଲ୍ଲାପାଳ କହିଥିଲେ।

ଉତ୍ସବରେ ଗଜପତି ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ପାରଳାଖେମୁଣ୍ଡି ବନ ଖଣ୍ଡ ଅଧିକାରୀ ଏସ.ଆନନ୍ଦ, ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଡ଼. ଗୁଣନିଧି ନାୟକ, ଉପ ଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି.ତ୍ରିପତି ରାଓ, ପାରଳାଖେମୁଣ୍ଡି ପୌର ପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଉତ୍ସବରେ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା କ୍ରୀଡ଼ାବିତ ଓ ଦିନରାତି ଅକ୍ଲାନ୍ତ ପରିଶ୍ରମ କରି ଜନସାଧାରଣଙ୍କୁ ସେବା ଯୋଗାଉଥିବା ଶ୍ରେଷ୍ଠ କର୍ମଚାରୀଙ୍କୁ ମାନପତ୍ର ଓ ସିଲଡ୍ ଦେଇ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ହୋଇଥିଲା । ଏଥିରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେପରି ଏନସିସି ବିଭାଗ ପରେଡରେ ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି ମହାବିଦ୍ୟାଳୟ ଛାତ୍ରଛାତ୍ରୀ ପ୍ରଥମ ଓ ମହାରାଜା ବାଳକ ବିଦ୍ୟାଳୟ ଦ୍ୱିତୀୟ ହୋଇଥିଲେ। ସେହିପରି ସିଭିଲିୟାନ୍‌ରେ ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବିଦ୍ୟାଳୟ ଛାତ୍ରଛାତ୍ରୀ ପ୍ରଥମ ଓ ସେଣ୍ଟ ଜୋସେଭ କନଭେଣ୍ଟ ସ୍କୁଲ ଦ୍ୱିତୀୟ ହୋଇଥିଲେ। ଏହି ଅବସରରେ ୫ ବିଦ୍ୟାଳୟ ଓ ଗୁମ୍ମା ବ୍ଲକର ଲାଞ୍ଜିଆ ସଉରା ଆଦିବାସୀ ନୃତ୍ୟ ପରିବେଷଣ କରଯାଇଥିଲା । ପରେଡକୁ ପୁଲିସ ଆର୍‌ଆଇଅଫ୍ ନିରଞ୍ଜନ ନାୟକ ପରିଚାଳନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।



ଗୋଷାଣି



ଗୋଷାଣି

**ପାରଳାଖେମୁଣ୍ଡି:** ପାରଳାଖେମୁଣ୍ଡି ସହର ଉପକଣ୍ଠ ରାଣୀପେଣ୍ଠରେ ଥିବା ନିୟତି ମାନସିକ ଅନଗ୍ରସର ସ୍କୁଲରେ ୭୫ତମ ଗଣତନ୍ତ୍ର ଦିବସ ପାଳିତ ହୋଇଥିଲା। ସମ୍ପାଦିକା ତନୁଜା ଶତପଥୀ ଓ କୋଷାଧ୍ୟକ୍ଷ ଲୋକନାଥ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରି ଥିଲେ । ଏହି ଅବସରରେ ସ୍କୁଲର ମାନସିକ ଅନଗ୍ରସର ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଅନ୍ୟମାନଙ୍କଙ୍କ ମଧ୍ୟରେ ଜ୍ୟୋତ୍ସ୍ନା ଡାକୁଆ, ଶାଶ୍ୱତୀ ବେବର୍ତ୍ତା, ସୁନିତ୍ କୁମାର ଗମାଙ୍ଗ ଯୋଗ ଦେଇଥିଲେ। ଅଧ୍ୟକ୍ଷା ସ୍ନେହଲତା ପାଣିଗ୍ରାହୀ ଧନ୍ୟବାଦ୍ ଅର୍ପଣ କରିଥିଲେ ।

**ପାରଳାଖେମୁଣ୍ଡି(୧୧୦):** ସହରାଞ୍ଚଳ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ ବିକାଶ ବିଦ୍ୟା ନିକେତନ ଆବାସିକ ବିଦ୍ୟାଳୟ ପରିସରରେ ୭୫ତମ ଜନରାଜ୍ୟ ଦିବସ ପାଳନ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ବିଚିତ୍ରାନନ୍ଦ ବେବର୍ତ୍ତା ଯୋଗଦାନ କରି ଥିଲାବେଳେ ବିକାଶ ଅନୁଷ୍ଠାନର ସମ୍ପାଦକ ତଥା ସଂସ୍ଥାପକ ଲାଲ ମୋହନ୍ ଆଚରୀ, ଅଧ୍ୟକ୍ଷ କୁରେଶ ତ୍ରିପାଠୀ, ହଷ୍ଟେଲ ତତ୍ତ୍ୱାବଧାରକ ଶିବା ରାଓ ପରିଚାଳନା କରିଥଲେ।

**ଗୋଷାଣି:** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡିସ୍ଥିତ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏଥିରେ ସେବାନିବୃତ୍ତ ବ୍ଲକ ଶିକ୍ଷାଧିକାରୀ କେ.ଖଗେଶ୍ୱର ରାଓ ମୁଖ୍ୟଅତିଥି ବାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିଦ୍ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ମଞ୍ଚ ସଭାପତି ପିତବାସ ସାମଲ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଖଗେଶ୍ୱର ପାତ୍ର, ଅର୍ଜୁନ ଦଳାଇ, ପିନାକୀ ପ୍ରସାଦ ଜେନା ପରିଚାଳନା କରିଥିଲେ ।

**ଗୋଷାଣି:** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବଡଗୋଷାଣି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏଥିରେ ସରପଞ୍ଚ ବି.ମୋହନ ରାଓ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଗଣତନ୍ତ୍ରର ସୁରକ୍ଷା ସହ ଜଣେ ଉତ୍ତମ ନାଗରିକ ହେବା ପାଇଁ ସମ୍ବିଧାନକୁ ସସମ୍ମାନ ସହ ସମସ୍ତ କର୍ତ୍ତବ୍ୟକୁ ପାଳନ କରିବା ଆବଶ୍ୟକ ବୋଲି ଉପସ୍ଥିତ ଛାତ୍ରୀଙ୍କୁ କହିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଙ୍କ ସହ ହାଇସ୍କୁଲର ଶିକ୍ଷକ/ଶିକ୍ଷୟତ୍ରୀ ଉପସ୍ଥିତଥିଲେ ।

**ବ୍ରାହ୍ମଣୀଗାଁ:** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଅଞ୍ଚଳରେ ଜନରାଜ୍ୟ ଦିବସ ପାଳିତ ହୋଇଛି। ଏହି ଅଞ୍ଚଳରେ ଥିବା ସମସ୍ତ ଅଙ୍ଗନବାଡି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ପଞ୍ଚାୟତ କାର୍ଯ୍ୟାଳୟ, ଥାନା, ଲ୍ୟାମ୍ପ୍ କାର୍ଯ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର, ବନ ବିଭାଗ କାର୍ଯ୍ୟାଳୟ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ତଥା ଅନ୍ୟାନ୍ୟ ସରକାରୀ କାର୍ଯ୍ୟାଳୟରେ ପ୍ରଭାତଫେରି ସହ ପତକା ଉତ୍ତୋଳନ ଏହି ଅବସରରେ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ସହର ପରିକ୍ରମା କରି ସ୍ଥାନୀୟ ଥାନା ପରିସରରେ ଏକତ୍ର ହୋଇଥିଲେ । ସେଠାରେ ଥାନାର ଭାରପ୍ରାପ୍ତ ଅଧିକାରୀ ଚାପଧାରୀ ପ୍ରଧାନ ପତକା ଉତ୍ତୋଳନ କରି ଉପସ୍ଥିତ ଜନତାକୁ ଉଦ୍‌ବୋଧନ ଦେଇଥିଲେ ।

## ବିଭିନ୍ନ ସ୍ଥାନରେ ଜନରାଜ୍ୟ ଦିବସ ପାଳନ



**ଦାରିଙ୍ଗବାଡ଼ି:** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ମିନି ଷ୍ଟାଡିୟମରେ ପାଳିତ ହୋଇଥିଲା। ଏଥିରେ ବିଡ଼ିଓ ଗଦାଧର ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ତହସିଲଦାର ଶରତ ଶବର, ଅତିରିକ୍ତ ତହସିଲଦାର କୃଷ୍ଣଚନ୍ଦ୍ର ନାୟକ, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର, ସରପଞ୍ଚ ଚନ୍ଦ୍ରିକା ପ୍ରଧାନ ଯୋଗ ଦେଇଥିଲେ। ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ । ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ପ୍ୟାରେଡ଼ରେ ଭାଗ ନେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ବକ୍ତୃତା, ସାଧାରଣ ଜ୍ଞାନ, ରଚନା, ଚିତ୍ର ଏବଂ ସାଂସ୍କୃତିକ ପ୍ରତିଯୋଗିତା ସଙ୍ଗୀତ, ନୃତ୍ୟର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । କ୍ରୀଡ଼ା ଶିକ୍ଷକ ରଶ୍ମିରଞ୍ଜନ ତ୍ରିପାଠୀ ଓ ଅନ୍ୟ କ୍ରୀଡ଼ା ଶିକ୍ଷକ ପ୍ୟାରେଡ଼ ପରିଚାଳନା କରିଥିଲେ। ଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସମେତ ସିମନ୍‌ବାଡ଼ି ପ୍ରଧାନ ଶିକ୍ଷକ ବିଦେଶୀ ନାୟକ, ପତିତପାବନ ରାଉତ, ଜାଗୃତି ସମ୍ପାଦକ କୈଳାସ ଚନ୍ଦ୍ର ଦଣ୍ଡପାଟ, ସହକାରୀ ଯନ୍ତ୍ରୀ ଶିଶିର ପାତ୍ର, ବରିଷ୍ଠ ରାଜସ୍ୱ ସହାୟକ ବିଭୁତି ଭୂଷଣ ସାହୁ, କନିଷ୍ଠ ଯନ୍ତ୍ରୀ ଧୀରେନ ସେଠୀ ଏବଂ ତୁଷାର ରଞ୍ଜନ ସେଠୀ, ବ୍ଲକ ବିପିଏମ ପିଣ୍ଟୁ ନାୟକ, ବିଏସଏସଓ କ୍ଷୀତିସ ପ୍ରିୟଦର୍ଶୀ ସାହୁ ଏବଂ ଅନ୍ୟମାନେ ପରିଚାଳନା ରେ ସହଯୋଗ କରିଥିଲେ।




**ବାଲିଗୁଡା:** କନ୍ଧମାଳ ଜିଲ୍ଲା ବାଲିଗୁଡା ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ରେ ୭୫ତମ ସାଧାରଣତନ୍ତ୍ର ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା। ବାଲିଗୁଡା ଉପଜିଲ୍ଲାପାଳ ଏମ.ଏସ ମଧୁମିତା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତଳୋନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଦେଶ ସ୍ୱାଧୀନତା ପାଇଁ ସହିଦ ବୀର ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ମୁଖ୍ୟଅତିଥି । ଆରକ୍ଷୀ ବାହିନୀ, ସ୍କାଉଟ ସହ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ପ୍ୟାରେଡରେ ସାମିଲ ହୋଇଥିଲେ। ପ୍ୟାରେଡ ଶେଷରେ ଛାତ୍ରଛାତ୍ରୀ ଦୁଃସାହାସିକ କ୍ରୀଡ଼ା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁରକ୍ଷା ଦୃଷ୍ଟି ରୁ ବ୍ୟାପକ ପୁଲିସ ମୁତୟନ ସହ ନିଜେ ବାଲିଗୁଡା ଏସଡିପିଓ ଯସ ପ୍ରତାପ ଶ୍ରୀମଲ ଉପସ୍ଥିତ ରହି ସ୍ଥିତି ପରଖିଥିଲେ । ସେହିପରି ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ, ବ୍ଲକ କାର୍ଯ୍ୟଳୟ, ଉପଜିଲ୍ଲାପାଳ କାର୍ଯ୍ୟଳୟ, ବିଜୁଜନତାଦଳ କାର୍ଯ୍ୟଳୟ ସମେତ ବିଭିନ୍ନ ସଂଗଠନ ଓ ସ୍କୁଲ କଲେଜରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି ।

## ‘ନୂଆ-ଓ’ ଓଡ଼ିଆ ସାହିତ୍ୟ କାର୍ଯ୍ୟକ୍ରମ



**ଗୁମ୍ମା,୨୭ ।୧(ସମିସ):** ଗଜପତି ଜିଲ୍ଲା ଗୁମ୍ମା ବ୍ଲକ କେସିପୁର ସ୍ଥିତ ସରକାରୀ ବାଳିକା ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ‘ନୂଆ-ଓ’ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷକ ଶୈଳେସ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜାତୀୟ ପୁରସ୍କାର ଗ୍ରହିତା ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଯୁକ୍ତ ଦୁଇ ସ୍ତରୀୟ ଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ଓଡ଼ିଆ ବକ୍ତୃତା, ପ୍ରବନ୍ଧ, ପାରମ୍ପାରିକ ନୃତ୍ୟ, ଓଡ଼ିଆ ସଂସ୍କୃତିର ପିଠା, ପର୍ବପର୍ବାଣୀ, କୁଟୀର ଶିଳ୍ପ କାରୁକାର୍ଯ୍ୟ ଆଦିକୁ ନେଇ ପ୍ରତିଯୋଗିତା ହୋଇଥିଲା । ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସମ୍ମାନିତ ଅତିଥି ଭାବେ ଓଡିଶୀ ସଂଗୀତ ନାଟ୍ୟ ଗୁରୁ ବିନ୍ଦୁ ପ୍ରିୟା ବେହେରା ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମର ମୂଲ୍ୟାୟନ କରିଥିଲେ । ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷା ସାବଳା ସାମନ୍ତ, ଓଡ଼ିଆ ଅଧାପିକା ସୁଭ୍ରା ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଫିଲିମନ୍ ଭୂୟାଁ ମଞ୍ଚାସୀନ ଥିଲେ । ପ୍ରବୀତ କୁମାର ସାହୁ ସଂଯୋଜନା କରିଥିଲେ। ସାଇ ପ୍ରସାଦ ନନ୍ଦ, ସୁନୀଲ ପାଣିଗ୍ରାହୀ ଓ ଟି. କରୁଣା ପରିଚାଳନା କରିଥିଲେ।

## ମା’ ସମଲେଇ ମନ୍ଦିର ପରିକ୍ରମା ଉତ୍ସବରେ ଗଜପତିର ୫ ସେବାୟତ

**ପାରଳାଖେମୁଣ୍ଡି,୨୭ ।୧(ସମିସ):** ଶନିବାର ଅନୁଷ୍ଠିତ ମା ସମଲେଇ ମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ଗଜପତି ଜିଲ୍ଲାର ୫ ଜଣ ସେବାୟତ ସମ୍ବଲପୁର ଯାଇଛନ୍ତି। ଗଜପତିର ଲୁହାଖମ୍ବ ମନ୍ଦିରର ଚିତ୍ରସେନ ନାୟକ ଓ ହରୀ କାର୍ଯୀ , ଚନ୍ଦ୍ରଗିରିର ଜଗନ୍ନାଥ ମନ୍ଦିରରୁ ରାମ ଚନ୍ଦ୍ର ପୁଜାରୀ ଓ ମା କୁରେଇଶୁଣୀ ମନ୍ଦିରରୁ ବସନ୍ତ କୁମାର ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ରାଉତ ଓ କୁଞ୍ଜ ବିହାରୀ ବଡ଼ନାୟକ ସମେତ ନୋଡାଲ ଅଧିକାରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଏଥିରେ ସାମିଲ ହୋଇଛନ୍ତି। ସେମାନଙ୍କୁ ନେଇ ଯାଇଥିବା ଗାଡ଼ିକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ବୀରେନ୍ଦ୍ର କୁମାର ଦାସ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ ଗୁରୁମାଇ ସମେତ କାର୍ଯ୍ୟାଳୟର ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।



## ନୂଆଗଡ଼ ନିୟୁ ପିଏଚସିରେ ନୂତନ ଡାକ୍ତର



**ନୂଆଗଡ,୨୭ ।୧(ସମିସ):** ଗଜପତି ଜିଲ୍ଲା ନୂଆଗଡ ବ୍ଲକ ସଦର ସ୍ଥିତ ନିୟୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଭାବେ ମହିଳା ଡାକ୍ତରାଣୀ ଆକାଂକ୍ଷା ଅରୁନିମା ଦାୟିତ୍ୱ ଗ୍ରହଣ କରିଛନ୍ତି । ଦୁର୍ଗମ ଅଞ୍ଚଳରେ ସ୍ୱାସ୍ଥ୍ୟର ବିକାଶ ଦିଗରେ ସେବା କରିବା ପାଇଁ ଗୁରୁତ୍ୱ ଦେବେ ବୋଲି ସେ ପ୍ରକାଶ କରିଛନ୍ତି । ଡା.ଆକାଂକ୍ଷା ଏଥି ପୂର୍ବରୁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ କାର୍ଯ୍ୟରତ ଥିଲେ ।

## ମହେନ୍ଦ୍ରଗିରି ପାହାଡ଼ରେ ୪୦ ଫୁଟ୍ ତଳକୁ ଖସିଲା କାର୍, ଜଣେ ଆହତ

**ରାୟଗଡ଼/ପାରଳାଖେମୁଣ୍ଡି,୨୭ ।୧(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ବତକୁ ବୁଲିଯାଇଥିବା ବ୍ରହ୍ମପୁରର ପାଞ୍ଚ ଜଣ ପର୍ଯ୍ୟଟକଙ୍କ କାର ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ମହିଳା ସାମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟ ଚାରିଜଣ ସୁରକ୍ଷିତ ଥିବା ଜଣାଯାଇଛି। ଶୁକ୍ରବାର ବ୍ରହ୍ମପୁର ସହରର ଚାରି ଜଣଙ୍କ ସମେତ ଡ୍ରାଇଭର ଏକ କାର ଯୋଗେ ଐତିହାସିକ ସ୍ଥଳ ମହେନ୍ଦ୍ରଗିରି ବୁଲିବାକୁ ଯାଇ ଫେରୁଥିବା ବେଳେ ଅପରାହ୍ନ ଚାରିଟା ସମୟରେ ଭାରସାମ୍ୟ ହରାଇ କାରଟି ୪୦ ଫୁଟ ପାହାଡ଼ ତଳକୁ ଖସିପଡିଥିଲା। କାର ଭାଙ୍ଗି ଚୁରମାର ହୋଇଯାଇଥିଲେ ମଧ୍ୟ ବେଲୁନ ପ୍ରୁଫ ସଠିକ ସମୟରେ କାମ ଦେବା ଯୋଗୁଁ ଅଳ୍ପକେ ବର୍ତ୍ତିଯାଇଛନ୍ତି ଯାତ୍ରୀ । କେବଳ ରୋଜାଲିନ୍ ପ୍ରଧାନ ନାମକ ଜଣେ ମହିଳାଙ୍କ ବାମ ହାତ ଭାଙ୍ଗିଥିବା ବେଳେ ଅନ୍ୟ ଚାରିଜଣ ସୁରକ୍ଷିତ ରହିଥିବା ଜଣାଯାଇଛି। ସ୍ଥାନୀୟ ଲୋକେ ଆହତଙ୍କୁ ପ୍ରଥମେ କଇଁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତେବେ ଅଧିକ ଚିକିତ୍ସା ପାଇଁ ଆହତଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ଏଠାରୁ ରୋଜାଲିନଙ୍କୁ ବ୍ରହ୍ମପୁରକୁ ଅଧିକ ଚିକିତ୍ସା ନିମନ୍ତେ ନିଆଯାଇଛି। ଘଟଣା ସ୍ଥଳରେ ଗାରାବନ୍ଧ ପୁଲିସ ପହଞ୍ଚି ତଦନ୍ତ କରୁଛି।



### ଶରଧାପୁରରେ କଳାକନା ବୁଲାଇଲେ ଦୁର୍ବୃତ୍ତ

## ୬ ଭରି ସୁନା, ୫୦ ଭରି ରୂପା ସହ ନଗଦ ୨୦ ହଜାର ଚୋରି

**ଗୋଷାଣି,୨୭ ।୧(ସମିସ):**

ପରିବାର ଲୋକେ କାଶୀ ତୀର୍ଥ ଯାଇଥିବା ବେଳେ ସେମାନଙ୍କ ଘରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ । ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଶରଧାପୁର ଗ୍ରାମର ବି.ମୋହନ ରାଓ ଚଳିତ ମାସ ୧୭ ତାରିଖ ଦିନ ସପରିବାର ତୀର୍ଥ ଯାତ୍ରାକୁ ଯାଇଥିଲେ । ଘରେ ତାଲା ପଡିଥିବା ଦେଖି ଦୁର୍ବୃତ୍ତ କବାଟ ଭାଙ୍ଗି ଚୋରି କରିଛନ୍ତି । ଗ୍ରାମବାସୀଙ୍କ ଦ୍ୱାରା ଫୋନ୍ ଯୋଗେ ଖବର ପାଇ ବି.ମୋହନ ରାଓ ଏବଂ ତାଙ୍କ ପରିବାର ତୀର୍ଥ ଯାତ୍ରାର ଅଧାରୁ ଫେରିଥିଲେ। ଏନେଇ ଗୁରାଣ୍ଡି ଥାନାରେ ଏତଲା ଦେବା ପରେ ଘଟଣା ସ୍ଥଳରେ ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ଏବଂ ତାଙ୍କ ଟିମ୍ ପହଞ୍ଚି ତଦନ୍ତ କରୁଛନ୍ତି। ସାଇଣ୍ଟିଫିକ୍ ଟିମ୍ ମଧ ପହଞ୍ଚି ତଦନ୍ତ କରୁଥିବା ଜଣାଯାଇଛି । ଘରେ ଥିବା ୬ ତୋଳା ସୁନା ଅଳଙ୍କାର, ୫୦ତୋଳା ରୂପା ସମଗ୍ରୀ ସହ ନଗଦ ୨୦ ହଜାର ଟଙ୍କା ଚୋରି ହୋଇଥିବା ମୋହନ ରାଓ ପୁଲିସରେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବା ପ୍ରକାରେ ଚାରିମାସ ପୂର୍ବେ ଏଭଳି ଚୋରି ଘଟଣା ଘଟିଥିବା ବେଳେ ପୁଣି ଏବେ ହୋଇଛି। ଏଭଳି ଘଟଣା ଯୋଗୁଁ ଘରେ ତାଲା ପକାଇ ଯିବା ପାଇଁ ଭୟ ଲାଗୁଛି । ଉଲ୍ଲେଖିତ ଗ୍ରାମ ଆନ୍ଧ୍ର ସୀମାନ୍ତରେ ରହିଥିବା ଯୋଗୁଁ ଶ୍ରୀକାକୁଲମ ଜିଲ୍ଲା ଅନ୍ତର୍ଗତ ମେଳିଆପୁଟି ଥାନା ପୁଲିସକୁ ମଧ ଖବର ଦିଆଯାଇଥିଲା । ଘଟଣା ସ୍ଥଳରେ ଉଭୟ ରାଜ୍ୟ ପୁଲିସ ପହଞ୍ଚି ତଦନ୍ତ କରୁଥିବାର ଗୁରାଣ୍ଡି ଥାନା ଅଧିକାରୀ ଶ୍ରୀ ପାତ୍ର ସୂଚନା ପ୍ରଦାନ କରିଛନ୍ତି ।

## ପାରଳାଖେମୁଣ୍ଡି-ଗୁଣୁପୁର ସେକ୍ସନ୍‌ରେ ଟ୍ରେନ୍ ବେଗ ବଢ଼ିବ

**ପାରଳାଖେମୁଣ୍ଡି,୨୭ ।୧(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଏବଂ ରାୟଗଡ ଜିଲ୍ଲା ଗୁଣୁପୁର ସେକ୍ସନରେ ଟ୍ରେନର ଗତି ବଢିବ । ବର୍ତ୍ତମାନ ଏହି ସେକ୍ସନରେ ଟ୍ରେନ କମ୍ ବେଗରେ ଗତି କରୁଛି । ଏହି କାରଣରୁ ପାରଳାଖେମୁଣ୍ଡି-ଗୁଣୁପୁରକୁ ଯିବା ପାଇଁ ଅଧିକ ସମୟ ଲାଗୁଛି । ତେଣୁ ଭାରତୀୟ ରେଳ ବିଭାଗ ଏହି ଟ୍ରେନ୍ ରୁଟ୍ ସେକ୍ସନରେ ଟ୍ରାକର ଆବଶ୍ୟକ ମରାମତି କରି ଟ୍ରେନର ବେଗ ବୃଦ୍ଧି ପାଇଁ ପଦକ୍ଷେପ ନେଇଛି। ଏନେଇ ରବିବାର ଟ୍ରାଏଲ ରନ୍ କରାଯିବା ବୋଲି ବିଜ୍ଞପ୍ତି ପ୍ରକାଶ କରିଛି ରେଳ ବିଭାଗ । ସକାଳ ୭ଘଣ୍ଟା ଠାରୁ ମଧ୍ୟାହ୍ନ ୧୨ଘଣ୍ଟା ମଧ୍ୟରେ ଘଣ୍ଟା ପ୍ରତି ୫୦ରୁ୧୦୦ କିମି ବେଗରେ ଏହି ଟ୍ରାଏଲ ରନ୍ ହେବ ବୋଲି ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

## ପାରଳା ଏଲ୍‌ଆଇସିର ଏପିପି ଦିବସ ପାଳନ

**ପାରଳାଖେମୁଣ୍ଡି,୨୭ ।୧(ସମିସ):** ଭାରତୀୟ ଜୀବନ ବୀମା ନିଗମ ପାରଳାଖେମୁଣ୍ଡି ଶାଖର ଲିୟାଫିର ସଭାପତି ପି.କ୍ରିଷ୍ଣା ରାଓଙ୍କ ତତ୍ତ୍ୱାବଧାନରେ ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ‘ଏଜେଣ୍ଟ ପ୍ରଫେସନ ପ୍ରଟେକ୍ସନ ଡେ’ ପାଳିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ପାରଳା ଏଲ୍‌ଆଇସି ଶାଖାର ଶାଖା ପରିଚାଳକ ପିତବାସ ସାହୁ, ଶାଖା ପରିଚାଳକ ଦିପ୍ ନାରାୟଣ ମିତ୍ର ଯୋଗ ଦେଇ ଏଜେଣ୍ଟଙ୍କୁ ଏଲ୍‌ଆଇସି ପଲିସିର ପ୍ଲାନ, ପଲିସି ବିକ୍ରି, କ୍ଲବ ମେମ୍ବର ସହ ପାରଳା ଶାଖାର ଟାର୍ଗେଟକୁ ପୁରଣ ଦିଗରେ ଆହ୍ୱାନ ଦେଇଥିଲେ । ଅନ୍ୟତମ ମଞ୍ଚାସୀନ ଅତିଥି ଭାବେ ଡିଭିଜନାଲ୍ ଜଏଣ୍ଟ ସେକ୍ରେଟାରୀ ଅଦ୍ୱିତିୟ ବର୍ଦ୍ଧନ, ସମ୍ପାଦକ ବିଘ୍ନରାଜ ପଣ୍ଡା, କୋଷାଧ୍ୟକ୍ଷ ନାରାୟଣ ପ୍ରମୁଖଙ୍କ ସହ ଶତାଧିକ ଅଭିକର୍ତ୍ତା ଯୋଗ ଦେଇଥିଲେ । ସମ୍ପାଦକ ବିଘ୍ନରାଜ ପଣ୍ଡା ପରିଚାଳନା କରିଥିବା ବେଳେ ପୂର୍ବତନ ସଭାପତି ବି.ଇଶ୍ୱର ରାଓ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଭିନ୍ନ ସ୍ଥାନରେ ଜନରାଜ୍ୟ ଦିବସ

**ରାୟଗଡ଼, ୨୭ ।୧(ସମିସ)**

ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ବିଭିନ୍ନ ସ୍ଥାନ ତଥା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା । ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ସୁଧୀର କୁମାର ସିଂ ପତକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧକ୍ଷା ପୂର୍ଣ୍ଣବାସୀ ନାୟକ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣିଙ୍କ ସମେତ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଲ୍ୟାମ୍ପ ଓ ଏସ୍ଏସ୍ ଡି ହାଇସ୍କୁଲରେ କ୍ରୀଡ଼ା ଶିକ୍ଷକ ସନ୍ତୋଷ ପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସକାଳୁ ପ୍ରଭାତ ଫେରି ପରେ ବିଦ୍ୟାଳୟ ପଡ଼ିଆରେ ସମାରୋହ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଟିଡ଼ିସିସି ଓଏଲ୍, ଓଡ଼ିଶା ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଗମାଙ୍ଗ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ସେହିପରି ଥାନାରେ ଥାନା ଅଧିକାରୀ ସୁନୀଲ କୁମାର ବେହେରା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା ସବିର କୁମାର ବଳ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ରାଜକିଶୋର ପଟ୍ଟନାୟକ, ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ ବେହେରା, ଆଇସିଡ଼ିଏସ୍‌ରେ ସିଡ଼ିପିଓ ତେରେସ୍କୋଭା ମଲ୍ଲିକ, ବିଇଓ କାର୍ଯ୍ୟାଳୟରେ ଭାରପ୍ରାପ୍ତ ବିଇଓ ଏସ.ପାପା ରାଓ, ସରସ୍ୱତୀ ଶିଶୁ ମନ୍ଦିରରେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ଯୁଧିଷ୍ଠିର ସାହୁ, ପର୍ଶୁରାମ ଗୁରୁକୁଳ ଉଚ୍ଚ ବିଦ୍ୟାଳୟରେ ଅଧକ୍ଷ ଶଶିକାନ୍ତ ମହାପାତ୍ର ଅଧକ୍ଷତାରେ ଜନରାଜ୍ୟ ଦିବସ ପାଳିତ ହୋଇଥିଲା । ପର୍ଶୁରାମ ଗୁରୁକୁଳ ଉଚ୍ଚ ବିଦ୍ୟାଳୟରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ରାଧା କୃଷ୍ଣ ଜାନି ପତାକା ଉତ୍ତୋଳନ କରିଥିଲେ ।

**ଛେଳିଗଡ଼:** ଗଜପତି ଜିଲ୍ଲା ରା.ଉଦୟଗିରି ବ୍ଲକ ଛେଳିଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାଧାରଣତନ୍ତ୍ର ଦିବସ ଓ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସଭାପତି ସମ୍ପଦ କୁମାର ନାୟକଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରା.ଉଦୟଗିରି ବ୍ଲକ ଅଧକ୍ଷ ଲକ୍ଷ୍ମୀ ନାରାୟଣ ଶବର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିଶ୍ୱନାଥ ଭୂୟାଁ, ସମ୍ମାନିତ ଅତିଥି ଭାବେ ଗ୍ରାମ ସଭାପତି ଦିବାକର ରଣସିଂ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ବୃନ୍ଦାବନ ମହାଙ୍କୁଡ ବିବରଣୀ ପାଠ କରିଥିଲେ । ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାମୋଦର ପାଇକ, ରାଜେନ୍ଦ୍ର ଗୌଡ, ଗିରିଧାରୀ ବଡନାୟକ, ପ୍ରଦୀପ କୁମାର ପଣ୍ଡାଙ୍କ ସହ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

**ଟିକାବାଲି:** କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକରେ ୭୫ତମ ସାଧାରଣତନ୍ତ୍ର ଦିବସ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ବ୍ଲକର ମିଳିତ ସାଧାରଣତନ୍ତ୍ର ଦିବସ ସରକାରୀ ଉଚ୍ଚବିଦ୍ୟାଳୟର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ପାଢି ପତାକା ଉତ୍ତୋଳନ କରିଥିଲେ । ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷ ଦିଲୀପ କହଁର, ଅତିରିକ୍ତ ଥାନା ଅଧିକାରୀ ସଞ୍ଜୟ ସ୍ୱାଇଁ, ଏସ୍ଆଇ ଅବନି କୁମାର ପ୍ରଧାନ, ଅଗ୍ନିଶମ ଅଧିକାରୀ ଧବଳେଶ୍ୱର ପ୍ରଧାନ, ଏଏମସିଏସ ମହାବିଦ୍ୟାଳୟର ଅଧକ୍ଷ ଦିନବନ୍ଧୁ ମହାନ୍ତି ଯୋଗ ଦେଇଥିଲେ । ସେହିପରି ତେଙ୍ଗେଡାପଥର ଛକରେ ଗ୍ରାମ ଉନ୍ନୟନ ସମିତି ଦ୍ୱାରା ସାଧାରଣତନ୍ତ୍ର ଦିବସ ସମାରୋହ ହୋଇଥିଲା ।ସଭାପତି ତଥା ପୂର୍ବତନ ବିଧାୟିକା ଅଜୟନ୍ତି ପ୍ରଧାନ ପତାକା ଉତ୍ତୋଳନ କରିଥିବା ବେଳେ ସମ୍ପାଦକ ପ୍ରଦିପ ଦିଗାଲ ପରିଚାଳନା କରିଥିଲେ । ସମିତିର ଉପଦେଷ୍ଟା ତଥା ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ ରାମବିଶ ଦିଗାଲ ଏବଂ ସମିତିର କର୍ମକର୍ତ୍ତା ଏବଂ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ । ଟିକାବାଲି ବ୍ଲକ କାର୍ଯ୍ୟାଳୟରେ ଅଧକ୍ଷ ଦିଲୀପ କହଁର, ତହସିଲ କାଯ୍ୟାଳୟରେ ତହସିଲଦାର ନର୍ମଦା ନାୟକ, ଥାନାରେ ଥାନା ଅଧିକାରୀ କଲ୍ୟାଣିମୟୀ ସେଣ୍ଠ, ବନ ବିଭାଗ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ ବିନ୍ଦୁ ପ୍ରସାଦ ପ୍ରଧାନ, ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗନ୍ନାଥ ସାହାଣି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିରଞ୍ଜନ ଜେନା, ଅଗ୍ନୀଶମ କାର୍ଯ୍ୟାଳୟରେ ଅଧିକାରୀ ଧବଳେଶ୍ୱର ପ୍ରଧାନ, ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଅଧିକାରୀ ରାଜେଶ ସୁବୁଦ୍ଧି, ବିଜୁଳି ବିଭାଗରେ ଯନ୍ତ୍ରୀ ଦେବାଶିଷ ଦେଓ, ଆରଆଇ କାର୍ଯ୍ୟାଳୟରେ ଆରଆଇ ସୁମଏ କୁମାର ଜାନ ପତାକା ଉତ୍ତୋଳନ କରିଥିଲେ । ସେହିପରି ବିଲିଭରସ୍ ଚର୍ଚ୍ଚରେ ଫାଦର ଲେବିୟ ରଇତଙ୍କ ନେତୃତ୍ୱରେ ସାଧାରଣତନ୍ତ୍ର ଦିବସ ପାଳନ ହୋଇଥିବା ବେଳେ ପୂର୍ବତନ ଜିଲ୍ଲା ପରିଷଦ ଉପାଧକ୍ଷ ତଥା ବିଜେପି ଅନୁସୁଚିତ ଜାତି ଉପାଧକ୍ଷ ରାମବିଶ ଦିଗାଲ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ ।

**ଜି.ଉଦୟଗିରି:** କନ୍ଧମାଳ ଜିଲ୍ଲା ଜି.ଉଦୟଗିରିରେ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ସହିତ ବିଭିନ୍ନ ଘରୋଇ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ପ୍ରେସ କ୍ଲବ ତରଫରୁ ଆୟୋଜିତ ସାଧାରଣତନ୍ତ୍ର ଦିବସ ସମାରୋହରେ ବରିଷ୍ଠ ସାମ୍ବାଦିକ ଶିଶିର ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ବ୍ୟବସାୟୀ ସଂଘ ତରଫରୁ ଆୟୋଜିତ ସମାରୋହରେ ସଭାପତି ସମୀର କୁମାର ପାଢ଼ୀ, ବାର ଆସୋସିଏସନ ତରଫରୁ ସଭାପତି ନିର୍ବାଚନ କିଶୋର ଭୋଇ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଭାପତି ବିନୋଦ ବିହାରୀ ଦାଶ, ବିବେକାନନ୍ଦ ସଂଖ୍ୟା କେନ୍ଦ୍ରରେ ଏବିଓ ମିହିର କାନ୍ତ ପ୍ରଧାନ, ଘରୋଇ ମୋଟର କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ସମାରୋହରେ ସଭାପତି ରାଜେନ୍ଦ୍ର ମହାପାତ୍ର, ଏନଏସି କାଯ୍ୟାଳୟ ସହିତ ରାବାନାଜୁ ପ୍ରାଥମିକ ବିଦ୍ୟାଳୟରେ ଅଧକ୍ଷା ଦେବସ୍ମିତା ଶତପଥୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

**ଫିରିଙ୍ଗିଆ:** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ମିନିଷ୍ଟାଡିୟମରେ ବ୍ଲକସ୍ତରୀୟ ଜନରାଜ୍ୟ ଦିବସ ପାଳିତ ହୋଇଥିଲା । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ପାତ୍ର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋକ କୁମାର ମିଶ୍ର, ବ୍ଲକ ଅଧକ୍ଷା ନମିତା କହଁର, ଜିଲ୍ଲା ପରିଷଦ ସଭ୍ୟ ନୀଳଗିରି ଦିଗାଲ, ଫିରିଙ୍ଗିଆ ସରପଞ୍ଚ ଜଳନ୍ଧର କହଁର, ସମିତିସଭ୍ୟା ମୌସୁମୀ ପ୍ରଧାନ, ଜିଲ୍ଲା ପାରମ୍ପରିକ ଲୋକକଳା ସଂଘର ସଭାପତି ଅକ୍ଷୟ କୁମାର କର୍ଣ୍ଣ, ସମାଜସେବୀ ଚନ୍ଦ୍ରମୋହନ ନାଏକ, ନେଡିପଦର ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପାଢ଼ୀ, ପ୍ରେସ କ୍ଲବ ସଭାପତି ଉତ୍ତମ ଖମାରୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟରେ ଥିବା ବିଭିନ୍ନ ସ୍କୁଲ କଲେଜର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ୟାରେଡ ଅନୁଷ୍ଠିତ ହୋଇଥଲା । ଚଳିତ ବର୍ଷ ଏହି ପ୍ୟାରେଡରେ ସମୁଦାୟ୨୧ ଟିମ ଭାଗ ନେଇଥିଲେ । ପ୍ୟାରେଡକୁ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଖେଳ ଶିକ୍ଷକ ଲକ୍ଷ୍ମୀକାନ୍ତ ସାହୁ ମୁଖ୍ୟ କମାଣ୍ଡର ଭାବରେ ପରିଚାଳନା କରିଥିଲେ । ଫିରିଙ୍ଗିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଅକ୍ଷୟ କୁମାର କହଁର ସହଯୋଗ କରିଥିଲେ । ପ୍ୟାରେଡରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଚାମ୍ପିଅନ ହୋଇଥିଲା । ବିଭିନ୍ନ ସ୍କୁଲ କଲେଜରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଫିରିଙ୍ଗିଆର ଟାଟୁ ପଟ୍ଟନାୟକ ପରିଚଳନା କରିଥିଲେ । ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନାଙ୍କ ସହ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସୁମନ୍ତ ଉଠାଣ ସିଂ, ଡିଇଓ ଜିତେନ୍ଦ୍ର ଆଚାର୍ଯ୍ୟ, ଜିଆରଏସ ଗୌରାଙ୍ଗ କହଁର ଓ ଅନ୍ୟମାନେ ସହଯୋଗ କରିଥିଲେ ।

**ରାଇକିଆ:** କନ୍ଧମାଳ ଜିଲ୍ଲା ରାଇକିଆରେ ଶୁକ୍ରବାର ୭୫ତମ ସାଧାରଣତନ୍ତ୍ର ଦିବସ ସମାରୋହ ଅନୁଷ୍ଠିତ ହୋଇଥିଲା । ବିଜୟ ହାଇସ୍କୁଲରେ ଅନୁଷ୍ଠିତ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ବିଡ଼ିଓ ସୀମାଞ୍ଚଳ ମଣ୍ଡଳ ପତାକା ଉତ୍ତୋଳନ କରିବା ସହ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ମିଳିତ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଉଲ୍ଲେଖନୀୟ ସେବା ପାଇଁ ଚାରିଜଣ ସରକାରୀ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା । ଏଥିସହ ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ, କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରଯାଇଥିଲା । ସେଣ୍ଟ କ୍ୟାଥରିନ ବାଳିକା ଉଚ୍ଚ ବିଦ୍ୟାଳୟରେ ସରପଞ୍ଚ, ବିଇଓ ହାଡ଼ିବନ୍ଧୁ ବେହେରା, ନାଗରିକ ମଞ୍ଚ କାର୍ଯ୍ୟାଳୟରେ ପୁର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ ପ୍ରଧାନ, ରାଇକିଆ ପଞ୍ଚାୟତରେ ସରପଞ୍ଚ ଗୀତାଞ୍ଜଳୀ ନାୟକ, ଲକ୍ଷ୍ମୀ ବଜାର ପାର୍କରେ ଜିଲ୍ଲା ପରିଷଦ ସଦସ୍ୟ ସତ୍ୟବାନ ପାତ୍ର ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ ।

**ମୋହନା:** ଗଜପତି ଜିଲ୍ଲା ମୋହନା ବ୍ଲକର ବିଭିନ୍ନ ସ୍ଥାନରେ ୭୫ତମ ଜନରାଜ୍ୟ ଦିବସ ପାଳିତ ହୋଇଥିଲା । ମୋହନା ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ହଳଧର ଶବର ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ବ୍ଲକ ଉପାଧକ୍ଷା ବାଲମୀନା ଅଧିକାରୀ ଓ ଏବିଡ଼ିଓ ରମାକାନ୍ତ ଚୌଧୁରୀ ଯୋଗ ଦେଇଥିଲେ । ସେହିପରି ମୋହନା ପ୍ରେସ କ୍ଲବ କାର୍ଯ୍ୟାଳୟରେ ବିଡ଼ିଓ ପତାକା ଉତ୍ତୋଳନ କରିଥିବା ବେଳେ ସଭାପତି ପଞ୍ଚାନନ ଦାସ, ସମ୍ପାଦକ ସୁମନ ପଟ୍ଟନାୟକଙ୍କ ସମେତ ପ୍ରେସ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ତହସିଲ କାର୍ଯ୍ୟାଳୟରେ ତହସିଲଦାର ହରିଶ୍ଚନ୍ଦ୍ର ପ୍ରଧାନ, ଥାନାରେ ଥାନା ଅଧିକାରୀ ବସନ୍ତ ସେଠୀ ପତାକା ଉତ୍ତୋଳନ କରିଥିଲେ । ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନ ଆଚାର୍ଯ୍ୟା ଆରତୀ ପାଢ଼ୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ପାଦକ ରବି କୁମାର ପାତ୍ର ପତାକା ଉତ୍ତୋଳନ କରିଥିବା ବେଳେ ବନ ବିଭାଗ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଷୋୟୀ, ଏମକେସିଜି ଯୁବକ ସଂଘ କାର୍ଯ୍ୟାଳୟ ଏବଂ ମା' ମାଣିକେଶ୍ୱରୀ ଭଲିବଲ୍ କ୍ଲବରେ ଯୁବକ ସଙ୍ଘ ସଭାପତି ଅଜିତ ପାତ୍ର ପତାକା ଉତ୍ତୋଳନ କରିଥିଲେ ।

**ବୁଗୁଡ଼ା:** ବୁଗୁଡା ଏନ୍ଏସି ପକ୍ଷରୁ ଶ୍ରୀକର ଭଞ୍ଜ କ୍ରୀଡା ଓ ସାଂସ୍କୃତିକ ସଂଘର ସହଯୋଗରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଏନ୍ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ଶ୍ରୀକର ଭଞ୍ଜ କ୍ରୀଡା ଓ ସାଂସ୍କୃତିକ ସଂଘର ସଭାପତି ସୁବାସ ଚନ୍ଦ୍ର ପରିଡ଼ା, ପୁଲିସ ଏସଆଇ ସୁବଳ କଅଁର, ଏନଏସି ଉପାଧକ୍ଷା ଗୀତାଞ୍ଜଳି ପାଢ଼ୀ ଓ କାର୍ଯନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ସ୍ଥାନୀୟ ମିଡିଆ କ୍ଲବରେ ସଭାପତି ଅନିଲ ପଟ୍ଟନାୟକ, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘରେ ସୂର୍ଯ୍ୟନାରାୟଣ ଦାଶ, ଘରୋଇ ବସ ମାଲିକ ସଂଘ ସଭାପତି କେ.ତ୍ରିଲୋଚନ ଦୋରା, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ସଭାପତି ୟୁ ପୂର୍ଣ୍ଣଚନ୍ଦ୍ର ପାତ୍ର, ସରସ୍ୱତୀ ଶିଶୁ ମନ୍ଦିରରେ ସଭାପତି ବ୍ରଜ କିଶୋର ପାଢ଼ୀ, ନିୟୁ ଏରା ପବ୍ଲିକ୍ ସ୍କୁଲରେ ସଭାପତି କାଳୀଚରଣ ଦାଶ, ଏସବିଏନ୍ ଗାର୍ଲସ୍ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା, ପିପୁଲ୍ସ ହାଇସ୍କୁଲରେ ପ୍ରଧାନ ଶିକ୍ଷକ କାଳୀଚରଣ ବେହେରା, ପିପୁଲ୍ସ କଲେଜରେ ଅଧକ୍ଷ ହରିକୃଷ୍ଣ ନାୟକ, ବଳଦେବଜୀୟୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ମନୋଜ କୁମାର ସ୍ୱାଇଁ, ବାଲିପଦର କଲେଜରେ ଅଧକ୍ଷ କୈଳାସ ଚନ୍ଦ୍ର ସେନାପତି, ମାଣିତରା କଲେଜରେ ଅଧକ୍ଷ ଅନୁପ କୁମାର ପଣ୍ଡା, ବ୍ଲକ କାର୍ଯ୍ୟାଳୟରେ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

**ପାତ୍ରପୁର:** ପାତ୍ରପୁର କୋର୍ଟରେ ମାଜିଷ୍ଟ୍ରେଟ କ୍ରିଷ୍ଣା ମିଶ୍ର ପତାକା ଉତ୍ତୋଳନ କରିଥିବା ବେଳେ ବ୍ଲକ କାର୍ଯ୍ୟାଳୟରେ ଅଧକ୍ଷା ୱାଇ ସଂଯୁକ୍ତା, ଜରଡା ଥାନାରେ ଥାନା ଅଧିକାରୀ ଟୁନା ସାସମଲ, ବାଘଲଟି ଜଳ ସେଚନ କାର୍ଯ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଜୟ ପ୍ରକାଶ ଷଡ଼ଙ୍ଗୀ, ସାମନ୍ତିଆପଲ୍ଲୀ ରେଞ୍ଜ କାର୍ଯ୍ୟାଳୟରେ ଉପଖଣ୍ଡ ବନ ଅଧିକାରୀ ମନୋଜ କୁମାର ପାତ୍ର, ପାତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡା ସମ୍ବିତ ବେଗରାୟ, ବରଙ୍ଗ ପଞ୍ଚାୟତରେ ସରପଞ୍ଚ ଭି ଦେବୀ ପ୍ରସାଦ, ଜୟନ୍ତୀପୁରରେ ସରପଞ୍ଚ ଇସୁରୁ ସୁଶୀଳା ରେଡ୍ଡୀ, ଖମ୍ବାରିଗାଁରେ ସରପଞ୍ଚ କାପା ଜ୍ୟୋତି ପତାକା ଉତ୍ତୋଳନ କରିଥିବା ବେଳେ ବ୍ଲକରେ ଥିବା ବହୁ ସରକାରୀ, ବେସରକାରୀ ଶିକ୍ଷା ଅନୁଷ୍ଠାନ ସହିତ ବିଭିନ୍ନ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳନ ହୋଇଯାଇଛି ।

**ରମ୍ଭା:** ସ୍ଥାନୀୟ ଶିଶୁ ମନ୍ଦିର ସଭାଗୃହ ପରିସରରେ ସାଧାରଣତନ୍ତ୍ର ଦିବସ ଏମ. ନରସିଂହ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସ୍ୱାଗତ ଭାଷଣ ପ୍ରଧାନ ଆଚାର୍ଯ୍ୟ ଶ୍ରୀଧର ପ୍ରଧାନ ଦେଇଥିବାବେଳେ ଗୁରୁଜୀ ସତ୍ୟ ନାରାୟଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମାଜସେବୀ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା(ମୁଖ୍ୟ ଅତିଥି), ଅବସରପ୍ରାପ୍ତ ଅଧକ୍ଷ ପି.ପ୍ରସାଦ ରାଓ ପୃଷ୍ଟି, କେ ସୁଶାନ୍ତ କୁମାର ପାତ୍ର, ବାପୁଜି ସୁବୁଦ୍ଧି, ପ୍ରସନ୍ନ କୁମାର ମିଶ୍ର(ସମ୍ପାଦକ), ଦିଗମ୍ବର ମହାଙ୍କୁଡ଼ ପ୍ରମୁଖ ମଞ୍ଚାସିନ ଥିଲେ । ଗୁରୁମା କୁଳି ଗୌଡ଼ କୃତଜ୍ଞତା ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମ ସଞ୍ଚାଳନରେ ଗୁରୁଜୀ ରିଣ୍ଟୁ ପ୍ରଧାନ, ରବୀନ୍ଦ୍ର ମହାରଣା, ଶ୍ରୀନିବାସ ପ୍ରଧାନ, କୈଳାସ ଚନ୍ଦ୍ର ନାୟକ, ବି. ପ୍ରକାଶ ପାତ୍ର, ଗୁଣାକାର ତ୍ରିପାଠୀ, ଗୁରୁମା ରୀନା ମାନସିଂହ, କିରଣମାଳା ସାହୁ, ପ୍ରଭାସିନୀ ତରାଇ, ରଶ୍ମିତା ବେହେରା, ମିନାରାଣୀ ପଲାଇ, ପ୍ରସନ୍ନ ବେହେରା, ପ୍ରିୟଙ୍କା ସ୍ୱାଇଁ, ବିଷ୍ଣୁପ୍ରିୟା ଆଚାର୍ଯ୍ୟ, ପ୍ରିୟଙ୍କା ପାଣିଗ୍ରାହୀ, ମଉସା/ମାଉସୀ ପ୍ରମୁଖ ସହଯୋଗ କରିଥିଲେ ।

**ଧରାକୋଟ:** ଧରାକୋଟ ରଥପଦାରେ ବ୍ଲକ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଯୋଗଦେଇ ଅଭିବାଦନ ଗ୍ରହଣ କରିଥିବା ବେଳେ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ବ୍ଲକରେ ଅଧକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଥାନାରେ ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳୀ ସୁବୁଦ୍ଧି, ମେଡିକାଲରେ ଡାକ୍ତର ଅଶୋକ, ବିଦ୍ୟୁତ ଅଫିସରେ ସହକାରୀ ଯନ୍ତ୍ରୀ ତୁଷାର ପାଢ଼ୀ, କୃଷି ସୂଚନା କେନ୍ଦ୍ରରେ ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ଘୋଡାଦେଇ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ମମତା କୁମାରୀ ଦେବୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଅଧକ୍ଷ ଦୁର୍ଯ୍ୟୋଧନ ଦୋରା, ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ଜଙ୍ଗଲ ବିଭାଗ କାର୍ଯ୍ୟାଳୟରେ ବନପାଳ ଅକ୍ଷୟ ତ୍ରିପାଠୀ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଇଓ ଲିଙ୍ଗରାଜ ସ୍ୱାଇଁ, ଧରାକୋଟ କଲେଜରେ ଅଧକ୍ଷ ଅକ୍ଷୟ ପଟ୍ଟନାୟକ, ମୁଣ୍ଡମରାଇ କଲେଜରେ ଅଧକ୍ଷ ଦିଗାମ୍ବର ବିଷୋୟୀ, ଧରାକୋଟ ଗାନ୍ଧୀ ଛକରେ ସମାଜ ସେବୀ ବିଶ୍ୱନାଥ ପ୍ରଧାନ, ପଞ୍ଚାୟତ ଅଫିସ୍‌ରେ ସରପଞ୍ଚ ପୁନିଆ ଦାସ, ମୁଣ୍ଡମରାଇ ପଞ୍ଚାୟତରେ ସରପଞ୍ଚ ଅଭିମନ୍ୟୁ ସେଠୀ, ଢ଼ଉଗାଁ ପଞ୍ଚାୟତରେ ସରପଞ୍ଚ ମନୁ ପାତ୍ର ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ ।

**ପୋଲସରା:** ପୋଲସରା ମିଡ଼ିଆ ହାଉସ୍ ପକ୍ଷରୁ ବରିଷ୍ଠ ସମାଜସେବୀ ନିକୁଞ୍ଜ କୁମାର ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ସାମ୍ବାଦିକ ଶିବପ୍ରସାଦ ସାହୁ, ମନୋଜ କୁମାର ଘଡେଇ, ଜ୍ୟୋତିରଞ୍ଜନ ଆଚାରୀ, ନାରାୟଣ ପରିଡ଼ା, ରୋହିତ ପ୍ରଧାନ, ପିଣ୍ଟୁ ବିଷୋୟୀ, ସମାଜସେବୀ ବବିତା ବେହେରା ସମେତ ବହୁ ଯୁବଗୋଷ୍ଠୀ ଛାତ୍ରଛାତ୍ରୀ ମାନେ ଉପସ୍ଥିତଥିଲେ । ପୋଲସରା ବିଜ୍ଞାନ ମହାବିଦ୍ୟାଳୟ, ଆଞ୍ଚଳିକ ମହିଳା ମହାବିଦ୍ୟାଳୟ ଓ ଗୋପବନ୍ଧୁ ହାଇସ୍କୁଲରେ ପୋଲସରା ବିଧାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେହିପରି ପୋଲସରା ବ୍ଲକରେ ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନ ଓ ପୋଲସରା ଏନଏସିରେ ଅଧକ୍ଷା ସଙ୍ଗୀତା ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁରରେ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସିନିୟର ସିଭିଲ ଜଜ ଶରତ କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିବାବେଳେ ଜେଏମଏଫସି ପୂଜା ପ୍ରିୟଦର୍ଶନି ପତି ଉପସ୍ଥିତ ଥିଲେ । ଓକିଲ ସଂଘ କାର୍ଯ୍ୟାଳୟରେ ସଭାପତି ଉପେନ୍ଦ୍ର ପଣ୍ଡା, ଏସଡିପିଓ ଅଫିସରେ ଏସଡିପିଓ ରଜନିକାନ୍ତ ସାମଲ, ଥାନାରେ ଆଇଆଇସି ସମୀର କୁମାର ରାଉତ, ହିନ୍ଦି ପ୍ରଚାର ସଭାରେ କୁଳ ସଚିବ ପ୍ରଫୁଲ କୁମାର ରଥ, ପ୍ରେସ କ୍ଲବରେ ବରିଷ୍ଠ ନାଗରିକ ସଂଘ ସମ୍ପାଦକ ପ୍ରଫୁଲ ରଥ ପତାକା ଉତ୍ତୋଳନ କରିଥିଲେ ।

**ସାନଖେମୁଣ୍ଡି:** ସାନଖେମୁଣ୍ଡି ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷ ସିମାଞ୍ଚଳ ପାତ୍ର ପତାକା ଉତ୍ତୋଳନ କରିଥିବା ବେଳେ, ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ଦିଲ୍ଲୀପ ଜେନା, ଆଡ଼ପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଡ଼କ୍ଟର ବାହାନ ଦାସ, ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟରେ ନ୍ୟାୟଧିକାରି ସୋରେନ୍ ବସ୍ତିଆ, ପାଟପୁର ଥାନା ପରିସରରେ ଏସ.ଆଇ ଟୁନା ପିଡ଼ିକାଙ୍କ ସମସ୍ତ ସରକାରୀ ବେସରକାରୀ ଶିକ୍ଷ୍ୟା ଅନୁଷ୍ଠାନ ମାନଙ୍କ ରେ ପତାକା ଉତ୍ତୋଳନ ହୋଇଥଲା ।

**ଦିଗପହଣ୍ଡି:** ଦିଗପହଣ୍ଡି ସହର ସମେତ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଦିଗପହଣ୍ଡି ଏନ୍ଏସି ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀଙ୍କ ସଂଯୋଜନାରେ ବଜାର ସାହି ଗାନ୍ଧୀ ଛକଠାରେ ନଗରପାଳ ପ୍ରଫୁଲ୍ଲ ପଣ୍ଡା ଉପସ୍ଥିତ ରହି ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଉପାଧକ୍ଷା କେ. ପୂଜା ଏବଂ ସମସ୍ତ କାଉନସିଲର ଏବଂ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ସେହିପରି ଦିଗପହଣ୍ଡି କୋର୍ଟରେ ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ, ଖେମୁଣ୍ଡି ଓକିଲ ସଂଘ କାର୍ଯ୍ୟାଳୟରେ ସଭାପତି ଲକ୍ଷ୍ମୀନାରାୟଣ ପାଢ଼ୀ, ତହସିଲଦାର ଅଶୋକ କୁମାର ତ୍ରିପାଠୀ ତହସିଲ କାର୍ଯ୍ୟାଳୟରେ, ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ଡ. ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ବ୍ଲକ ଅଧକ୍ଷା ଯମୁନା ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

**ଶେରଗଡ଼:** ଶେରଗଡ଼ ମୋଟର ଚାଳକ ସଂଘ ଏବଂ ମିଡିଆ ହାଉସ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଥିବା ସାଧାରଣତନ୍ତ୍ର ଦିବସରେ ବରିଷ୍ଠ ସାମ୍ବାଦିକ ତଥା ଦୁଇ ସଂଘର ସଭାପତି ମେଘନାଦ ଦାସ ପତାକା ଉତ୍ତୋଳନ କରି ସାଧାରଣତନ୍ତ୍ର ଦିବସରେ ମତ ରଖିଥିବା ସମୟରେ ସାମ୍ବାଦିକଙ୍କ ସୁରକ୍ଷା ଓ ଜୀବିକା ଉପରେ ମତବ୍ୟକ୍ତ କରିଥିଲେ । ସେହିଭଳି ବ୍ଲକ ପରିସରରେ ବ୍ଲକ ପରିସରରେ ବ୍ଲକ ଅଧକ୍ଷ କୃଷ୍ଣ ଚନ୍ଦ୍ର ନାୟକ, ତହସିଲରେ ତହସିଲଦାର ତ୍ରିଦେବ ରଥ, ଶେରଗଡ଼ ଥାନାରେ ଥାନାଧିକାରୀ ବିରେନ୍ଦ୍ର ସିଅଳ, ପିତଳ ପଞ୍ଚାୟତରେ ସମିତି ସଭ୍ୟ ଜନାର୍ଦ୍ଦନ ପାତ୍ର, ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡଃ ରାଜ କୁମାର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ବିଚାରପତି ଶ୍ରୀକାନ୍ତ ପାଢ଼ୀ, ପିଡବ୍ଲୁଡି କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ବନୋଜ କୁମାର ସେଠୀ, ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର କୁମାର ପାଢ଼ୀ, ଶେରଗଡ଼ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତ, ସମସ୍ତ ସରକାରୀ ଶିକ୍ଷାନୁଷ୍ଠାନ, ବେସରକାରୀ ଶିକ୍ଷାନୁଷ୍ଠାନ ମାନଙ୍କରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି ।

**କବିସୂର୍ଯ୍ୟନଗର:** କବିସୂର୍ଯ୍ୟନଗର ଶ୍ରୀମର୍ଦ୍ଦରାଜ ହାଇସ୍କୁଲରେ ମୁଖ୍ୟ ଅତିଥି ଭାବେ ଡ଼. ଗୋବିନ୍ଦ ପ୍ରସାଦ ରଥ ଯୋଗଦେଇ ଜାତୀୟ ପତାକା ଉତୋଳନ କରିବା ସହ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ସମ୍ମାନିତ ଅତିଥି ଭାବେ ସ୍କୁଲ ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ପଣ୍ଡା, ଶିକ୍ଷକ ସନ୍ତୋଷ କୁମାର ସାହୁ, ବିଜୟ ଲକ୍ଷ୍ମୀ ସାହୁ, ଦ୍ୱିତିକୃଷ୍ଣ ସେଠୀ, ପରମେଶ ପଣ୍ଡା, ସୁଜାତା ଆଚାରୀ, ରୀନା କୁମାରୀ, ହିରଣ୍ୟକ ପୋଲାଇ, ଗୋଲକ ନାୟକ, ରିତା ଶତପଥୀ ଜାଜିଏଲ ଭୂୟାଁ, ରାମେଶ୍ୱର ବାଡ଼ତ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ହରିହର ଶାସ୍ତ୍ରୀୟ ବିଦ୍ୟାଳୟରେ ସମାଜସେବୀ ଇ. ମାହେଶ୍ୱରୀ ଦୋରା ପାତାକା ଉତ୍ତୋଳନ କରିଥିଲେ । ଜି. ଗୌରୀଶଙ୍କର ଆଚାରୀ, ଅଭୟ ପରିଡ଼ା, ଗୁରୁ ନବଘନ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ । ନିଖିଳ ଉତ୍କଳ ଖରୁଡ଼ା ସମାଜ ପକ୍ଷରୁ ରାଧାକୃଷ୍ଣ ସାହିଠାରେ ବରିଷ୍ଠ ଖରୁଡ଼ା କୁଳ ଉପଦେଷ୍ଟା ଲିଙ୍ଗରାଜ ନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମାଜ ସଭାପତି ସୂର୍ଯ୍ୟନାରାୟଣ ନାୟକ, ବଳରାମ ନାୟକ, ଯୋଗୀନ୍ଦ୍ର ସେନାପତି ଆଦି ଉପସ୍ଥିତ ଥିଲେ । କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟରେ ଅଧକ୍ଷ କେ. ପୁରୁଷୋତ୍ତମ, କବିସୂର୍ଯ୍ୟନଗର ବ୍ଲକରେ ଅଧକ୍ଷକ୍ଷ ଜ୍ୟୋତିର୍ମୟୀ ସ୍ୱାଇଁ, କବିସୂର୍ଯ୍ୟ ବଳଦେବ ସ୍ମୃତି ସଂସଦରେ ସମାଜସେବୀ ଇ. ମାହେଶ୍ୱରୀ ଦୋରା, ନ୍ୟାଶନାଲ ପବ୍ଲିକ ସ୍କୁଲ ଓ ଜନସେବା କେନ୍ଦ୍ରରେ ସମାଜସେବୀ ଜି. ଶମ୍ଭୁଲିଙ୍ଗମ ଆଚାରୀ, ଗଙ୍ଗାଧର ୟୁପି ସ୍କୁଲରେ ୱାର୍ଡ କାଉନସିଲର ପ୍ରତିନିଧି ସୂର୍ଯ୍ୟନାରାୟଣ ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।


କାଶିନଗର


ଛେଳିଗଡ଼


ମୋହନା


ଜି.ଉଦୟଗିରି


ଧରାକୋଟ


ରାୟଗଡ଼


ଫିରିଙ୍ଗିଆ


ରାଇକିଆ


ଟିକାବାଲି


କବିସୂର୍ଯ୍ୟନଗର


ଦିଗପହଣ୍ଡି


ଶେରଗଡ଼


ସାନଖେମୁଣ୍ଡି


ରମ୍ଭା


ପାତ୍ରପୁର


ବୁଗୁଡ଼ା


ପୋଲସରା

